

# ମହାଭାରତର କଥା ଓ ବିଜ୍ଞାନ

ଶ୍ରୀ ସୁବ୍ରତ ସାହୁ

# ମହାଭାରତର କଥା ଓ ବିଜ୍ଞାନ



ଶ୍ରୀ ସୁବ୍ରତ ସାହୁ

ପ୍ରକାଶକ
ରାଷ୍ଟ୍ରଭାଷା ସମବାୟ ପ୍ରକାଶନ
ରାଷ୍ଟ୍ରଭାଷା ରୋଡ୍, କଟକ-୭୫୩ ୦୦୧

ଲେଖକ
ଶ୍ରୀ ସୁବ୍ରତ ସାହୁ

© ଶ୍ରୀମତୀ ସୁମିତ୍ରା ସାହୁ

ପ୍ରଥମ ପ୍ରକାଶ
୧୯୯୦

ମୁଦ୍ରାକର
ଶ୍ରୀ ଗୋପୀନାଥ ସାହୁ
ରାଷ୍ଟ୍ରଭାଷା ସମବାୟ ପ୍ରେସ୍
ରାଷ୍ଟ୍ରଭାଷା ରୋଡ୍, କଟକ-୧

ମୂଲ୍ୟ
ସାତ ଟଙ୍କା

## ସାମାନ୍ୟକଥନ

ପୁରାଣମାନଙ୍କରେ ଦେବଦେବୀଙ୍କ କାହାଣୀ ସାଙ୍ଗରେ କେତେଗୁଡ଼ିଏ କବି-କଳ୍ପନା ଯୋଡ଼ାଯାଇଛି ବୋଲି ଆମଭିତରୁ ବହୁ ଲୋକଙ୍କର ଧାରଣା ! ସେ କାଳର କଳ୍ପନାକୁ ଆଜିକାଲିର ବିଜ୍ଞାନର କରାମତି ସାଙ୍ଗରେ ତୁଳନା କଲେ ମନେ ହୁଏ, ପୁରାଣକାରମାନଙ୍କ କଳ୍ପନା କଦାପି ଭିତ୍ତିହୀନ ନୁହେଁ ; ବରଂ ପୂରାପୂରି ବୈଜ୍ଞାନିକ ଚିନ୍ତାଧାରା ଉପରେ ପ୍ରତିଷ୍ଠିତ । ପଚାଶ-ଷାଠିଏ ବର୍ଷତଳେ ଯେଉଁମାନେ ଚନ୍ଦ୍ରଲୋକକୁ ଯାତ୍ରା କରିବା କଥା ବା ଉପନ୍ୟାସ ଲେଖିଥିଲେ, ସେତେବେଳେ ସିନା ସେମାନେ ଉପହାସର ପାତ୍ର ହୋଇଥିଲେ, ଏବେ କିନ୍ତୁ ସେମାନଙ୍କୁ ଭବିଷ୍ୟତଦ୍ରଷ୍ଟା କୁହାଯାଉଛି । ଆମର ପୁରାଣକାରମାନେ ମଧ୍ୟ ବିଜ୍ଞାନର ଭବିଷ୍ୟତଦ୍ରଷ୍ଟା ଥିଲେ । ଆପାତତଃ ସେହି ସତ୍ୟତା ପ୍ରମାଣ କରିବା ଏହି ବହିଟିର ଉଦ୍ଦେଶ୍ୟ ।

ଏ ଦିଗରେ ମୋର ବାପା ମା ମୋତେ ବେଶ୍ ଉତ୍ସାହ ଦେଇଥିବାରୁ ମୁଁ ସେମାନଙ୍କ ନିକଟରେ କୃତଜ୍ଞ । ଭବିଷ୍ୟତର ଅନୁସନ୍ଧିତ୍ସୁ ଲେଖକ, ବୈଜ୍ଞାନିକ ଓ ମୋର କୁନିକୁନି ଭାଇ-ଭଉଣୀମାନେ ଏହାର ଉପାଦେୟତା ଅନୁଭବ କଲେ ମୁଁ କୃତାର୍ଥ ହେବି ।

—ଲେଖକ

# ସୂଚୀ


| ବିଷୟ | ପୃଷ୍ଠା |
|---|---|
| କୌରବମାନଙ୍କ ଜନ୍ମର ବୈଜ୍ଞାନିକ ତଥ୍ୟ | ୫ |
| ଖାଣ୍ଡବଦହନ ଓ କୃତ୍ରିମ ଯାଗ | ୧୧ |
| ସଞ୍ଜୟଙ୍କ ଦିବ୍ୟଦୃଷ୍ଟି ଓ ସୁଦୂରସନ୍ଧାନୀ ଉପଗ୍ରହ | ୧୭ |
| ବେଲୁନସେନ ଓ ଚନ୍ଦ୍ରାଟକାସ୍ତ୍ର କ୍ଷେପଣାସ୍ତ୍ର | ୨୩ |
| ଭୀଷ୍ମଙ୍କ ଶରଶଯ୍ୟାର ବୈଜ୍ଞାନିକ ରହସ୍ୟ | ୨୯ |
| ଜରାସନ୍ଧର ଜନ୍ମ-ମୃତ୍ୟୁ ରହସ୍ୟ | ୩୪ |
| ବଳରାମଙ୍କ ବିବାହ ଓ ଯୁଗପରିବର୍ତ୍ତନ-ରହସ୍ୟ | ୪୧ |


* * * * * * *

# କୌରବମାନଙ୍କ ଜନ୍ମର ବୈଜ୍ଞାନିକ ତଥ୍ୟ

ମହାଭାରତ ଯୁଦ୍ଧର ପୂର୍ବକାଳର କଥା । ଦିନେ ଗୁରୁ ବ୍ୟାସଦେବ ଅତ୍ୟନ୍ତ ଅବସନ୍ନ ଓ କ୍ଷୁଧାର୍ତ୍ତ ହୋଇ ହସ୍ତିନାପୁର ପ୍ରାସାଦରେ ପହଞ୍ଚିଲେ । ଧୃତରାଷ୍ଟ୍ର ଓ ଗାନ୍ଧାରୀ ତାଙ୍କର ଖୁବ୍ ସତ୍କାର କଲେ, ଯଥେଷ୍ଟ ସୁସ୍ୱାଦ ଖାଦ୍ୟପେୟରେ ଆପ୍ୟାୟିତ କଲେ । ତହିଁରେ ଖୁସି ହୋଇ ବ୍ୟାସଦେବ ଗାନ୍ଧାରୀଙ୍କୁ ବର ଦେଲେ, "ମୁଁ ଜାଣେ, ତୁମେ ଧୃତରାଷ୍ଟ୍ରଙ୍କ ଭଳି ଶକ୍ତିମାନ୍ ଶହେଟି ପୁତ୍ର ଚାହୁଁଛ । ତାହା ହିଁ ହେବ ।"

କାଳକ୍ରମେ ଗାନ୍ଧାରୀଙ୍କର ଗର୍ଭସଞ୍ଚାର ହେଲା ; ମାତ୍ର ଦୁଇ ବର୍ଷ ବିତିଗଲେ ମଧ୍ୟ ପ୍ରସବବେଦନା ବା ଅନ୍ୟ କିଛି ଲକ୍ଷଣ ଦେଖାଗଲା ନାହିଁ । ସେ ଚିନ୍ତିତ ଥାଆନ୍ତି ।

ଦିନେ ଗାନ୍ଧାରୀ ଶୁଣିଲେ ଯେ କୁନ୍ତୀଙ୍କର ଯୁଧିଷ୍ଠିର ନାମରେ ଅପୂର୍ବ ସୁନ୍ଦର ପୁତ୍ରଟିଏ ଜନ୍ମିଛି । ପ୍ରଥମେ ସେ ଦୁଃଖରେ ଅତ୍ୟନ୍ତ କାତର ହୋଇପଡ଼ିଲେ । ପରେ ହତାଶ ଓ ରାଗରେ ଏପରି ଧୈର୍ଯ୍ୟହରା ହେଲେ ଯେ ଭୂଇଁରେ କଚାଡ଼ିହୋଇପଡ଼ିଲେ । ଏହି

ଆଘାତରେ ତାଙ୍କର ଗୋଟିଏ ମାଂସପିଣ୍ଡୁଳା ପ୍ରସବ ହେଲା । ସେହି ମାଂସପିଣ୍ଡୁଳାଟି କିନ୍ତୁ ଲୁହାଭଳି ଟାଣ ଥିଲା ।

ବ୍ୟାସଦେବ ଅନ୍ୟର ମନକଥା ଜାଣିପାରୁଥିଲେ । ଗାନ୍ଧାରୀ ଲଜରେ ସେହି ମାଂସପିଣ୍ଡୁଳାଟିକୁ ଫୋପାଡ଼ିଦେବାକୁ ଯାଉଛନ୍ତି, ଏହି ସମୟରେ ଗୁରୁଦେବ ବ୍ୟାସ ଆବିର୍ଭୂତ ହୋଇ କହିଲେ, "ତୁମେ ଏ କ'ଣ କରୁଛ ଗାନ୍ଧାରୀ ?"

ଗାନ୍ଧାରୀ କହିଲେ, "ମୁଁ ଯେତେବେଳେ କୁନ୍ତୀ ପରାକ୍ରମୀ ପୁତ୍ରସନ୍ତାନଟିଏ ଲାଭ କରିଛି ବୋଲି ଶୁଣିଲି, ଧୈର୍ଯ୍ୟ ହରାଇଲି । ଦୁଃଖ ଆଉ ଈର୍ଷାରେ କଣ୍ଟୁଡ଼ିହୋଇପଡ଼ିଲି । ଆପଣ ତ ବର ଦେଲେ ଶହେଟି ପୁତ୍ର ହେବ ବୋଲି ; କିନ୍ତୁ ମୋତେ ମିଳିଲା କ'ଣ ? ଗୋଟିଏ ମାଂସପିଣ୍ଡୁଳା !"

ଗୁରୁଦେବ ବ୍ୟାସ ଉତ୍ତର ଦେଲେ, "ଗାନ୍ଧାରୀ ! ମୋ କଥା କେବେ ଅନ୍ୟଥା ହୁଏ ନାହିଁ । ମୁଁ ଯାହା କହୁଛି, ତାହା ହିଁ କର । ଶୀଘ୍ର ଶହେଟି ହାଣ୍ଡି ଆଣି ତହିଁରେ ଘିଅ ଭର୍ତ୍ତିକର ତୁମ ପୂଜାଘରେ ରଖ ।"

ତାଙ୍କର କହିବା ଅନୁସାରେ କାମ ହେଲା । ବ୍ୟାସଦେବ ମାଂସପିଣ୍ଡୁଳାଟି ଉପରେ କମଣ୍ଡଳୁରୁ ପାଣି ସିଞ୍ଚିଦେଲେ । ପିଣ୍ଡୁଳାଟିକୁ ତତ୍ପରେ ଟୁକୁରା ଟୁକୁରା କରିପକାଇଲେ । ଧାଈଟିଏ ପ୍ରତ୍ୟେକ ଖଣ୍ଡକୁ ଘୃତପୂର୍ଣ୍ଣ ପାତ୍ରରେ ପକାଇଲା ।

ଏପରି କାମ ଚାଲିଥିଲାବେଳେ ଗାନ୍ଧାରୀ ଭାବୁଥିଲେ--"ଗୁରୁଙ୍କ ବର ଅନୁଯାୟୀ ଶହେଟି ପୁତ୍ର ହେବେ ନିଶ୍ଚୟ । କିନ୍ତୁ ତା'ପରେ ଯଦି ଝିଅଟିଏ ହୁଅନ୍ତା, ଆଉ ସମସ୍ତଙ୍କଠାରୁ ସାନ ହୁଅନ୍ତା, ତେବେ ଖୁବ୍ ଖୁସି ଲାଗନ୍ତା ଏବଂ ସେ ଝିଅଟି ମଧ୍ୟ ବଡ଼ ଅଲଅଲି ହୁଅନ୍ତା ।"

ମନକଥା ଜାଣିପାରୁଥିବା ଋଷିବର ବ୍ୟାସଦେବ କହିଲେ, "ଗାନ୍ଧାରୀ ! ଶହେଟି ପୁତ୍ର ଶହେଟି ପାତ୍ରରେ ରଖିଦେଲି । ତୁମେ ଗୋଟିଏ ଝିଅ ଚାହୁଁଛ ! ତେଣୁ ପିଣ୍ଡୁଳାଟିକୁ ମୁଁ ଶହେ ଏକ ଭାଗ କରିଦେଇଛି । ଆଉ ଗୋଟିଏ ଘୃତପୂର୍ଣ୍ଣ ପାତ୍ର ଆଣ । ତହିଁରେ କନ୍ୟାକୁ ରଖିବ ।"


ତାଙ୍କ କାମ ଶେଷ କରି ଗୁରୁଦେବ ବ୍ୟାସ ନିଜ ତପୋଭୂମି ହିମାଳୟକୁ ପ୍ରସ୍ଥାନ କଲେ । ଯଥାସମୟରେ ଦୁର୍ଯ୍ୟୋଧନ ଓ ପରେ ପରେ ଅନ୍ୟ କୌରବମାନେ ଜାତ ହେଲେ ।

ମହାଭାରତର ଅନ୍ୟାନ୍ୟ ଅଂଶ ବିଷୟରେ ଆମେସମସ୍ତେ ଅଳ୍ପ-ବହୁତେ ଜାଣୁ ; ମାତ୍ର ଏତକ ଶୁଣିବାପରେ ଆମ ମନରେ ସ୍ୱତଃ ପ୍ରଶ୍ନ ଉଠେ, ଗୋଟିଏ ଗର୍ଭରୁ ଶହେ ଏକଟି ସନ୍ତାନଜନ୍ମ କ'ଣ ସମ୍ଭବପର ? ସାଧାରଣ ଜୀବନରେ ତ ଦୁଇ, ତିନି ବା ଚାରିଟି ପିଲା ଗୋଟିଏ ପ୍ରସବରେ ଜାତ ହେବାର ଖବର ଆମେ ପାଉ । ଏକାଥରକେ ଏତେଗୁଡ଼ିଏ ପିଲା-ଜନ୍ମ ଅସମ୍ଭବ । ମହାଭାରତର କୌରବବଂଶର ଜନ୍ମବୃତ୍ତାନ୍ତରେ ମଧ୍ୟ ଗାନ୍ଧାରୀଙ୍କ ଗର୍ଭରୁ ଏକ-ପରେ ଏକ ହୋଇ ଶହେ ଏକଟି ସନ୍ତାନ ପ୍ରାକୃତିକ ଉପାୟରେ ଜାତ ହୋଇ ନାହାନ୍ତି । ଜନ୍ମିଛି ଗୋଟିଏ ମାଂସପିଣ୍ଡୁଳା ବା ଭ୍ରୂଣ । ବୈଜ୍ଞାନିକମାନେ କହନ୍ତି ଯେ ଗୋଟିଏ ନିଷିକ୍ତ ଡିମ୍ବ (Fertilised egg)ରୁ କୃତ୍ରିମ ଉପାୟରେ ଏକାଧିକ ଭ୍ରୂଣ ସୃଷ୍ଟି କରାଯାଇପାରେ ।

ବିଲାତର କେମ୍ବ୍ରିଜ୍‌ସ୍ଥ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଆନିମଲ୍ ଫିଜିଓଲଜି ଆଣ୍ଡ୍ ଜେନେଟିକ୍ସ୍ ରିସର୍ଚ୍ଚ (ପ୍ରାଣିଶରୀର-ବିଦ୍ୟା ଏବଂ ବଂଶଲକ୍ଷଣ-ବିଦ୍ୟା ଗବେଷଣା ଅନୁଷ୍ଠାନ)ର ଡକ୍ଟର୍ ଷ୍ଟିନ୍ ୱିଲାଡ୍‌ସେନ୍ ପ୍ରାଥମିକ ଅବସ୍ଥାରେ ଗାଈର ଭ୍ରୂଣକୁ ଚାରି ଭାଗ

କରିବାର ଉପାୟ ଉଦ୍ଭାବନ କରିଛନ୍ତି । ବୈଜ୍ଞାନିକମାନେ ଜାଣନ୍ତି ଯେ ସ୍ତ୍ରୀ–ପ୍ରାଣୀର ଡିମ୍ବ ଓ ପୁରୁଷ ପ୍ରାଣୀର ଶୁକ୍ର ମିଶିଲେ ଗର୍ଭାଧାନ ହୁଏ; ଅର୍ଥାତ୍ ଡିମ୍ବଟି ନିଷିକ୍ତ ହୁଏ । ନିଷିକ୍ତ ହେଲାକ୍ଷଣି ଡିମ୍ବଟିରେ ଥିବା ପ୍ରାୟ ହଜାରେ ପାଖାପାଖି କୋଷ ଶୀଘ୍ର ଶୀଘ୍ର ବିଭାଜିତ ହୁଅନ୍ତି । ଏହି ବିଭାଜନର ବିଭିନ୍ନ ପର୍ଯ୍ୟାୟ ଅଛି । ପ୍ରଥମ ପର୍ଯ୍ୟାୟକୁ ବ୍ଲାଷ୍ଟୋସିଷ୍ଟ୍ ବା ଯୁକ୍ତକୋଷ୍ଠ କୁହାଯାଏ । ଭ୍ରୂଣରେ ଥିବା କୋଷ-ଗୁଡ଼ିକ ଏହି ପର୍ଯ୍ୟାୟରେ ଦୁଇ ଭାଗରେ ବିଭକ୍ତ ଥାଏ । ଭିତର ଭାଗଟି ବଢ଼ି ବଢ଼ି ପ୍ରକୃତ ଭ୍ରୂଣ ଓ ବାହାର ଭାଗଟି ବଢ଼ି ବଢ଼ି ଗର୍ଭଫୁଲ ହୁଏ । ବ୍ଲାଷ୍ଟୋସିଷ୍ଟ୍ ପର୍ଯ୍ୟାୟରେ ଭ୍ରୂଣଟିକୁ ଭାଗ ଭାଗ କରିଦେଲେ ପ୍ରତ୍ୟେକ ଭାଗ ଅନ୍ୟ ଭାଗଟିର ଅବିକଳ ନକଲ ହୋଇ ନୂଆ ଭ୍ରୂଣ ହେବ, ନୂଆ ଶିଶୁ ତିଆରି କରିବ । ଡକ୍ଟର ୱିଲାଡ୍‌ସେନ୍ ଗୋଟିଏ ଭ୍ରୂଣକୁ ଚାରିଟିରୁ ଅଧିକ ଭାଗ କରିପାରି ନାହାନ୍ତି; ମାତ୍ର ବ୍ୟାସଦେବ ୧୦୧ ଭାଗ କରିପାରିଥିଲେ ।

ମା'ର ଜରାୟୁରେ ଭ୍ରୂଣର ଅଭିବୃଦ୍ଧିପାଇଁ ଯେପରି ଲବଣାକ୍ତ ତରଳ ମାଧ୍ୟମ ଥାଏ, ଯେଉଁ ପ୍ରକାର ପୁଷ୍ଟି ଓ ତାପ ଥାଏ, ସେହିଭଳି ଅବସ୍ଥା କୃତ୍ରିମ ଉପାୟରେ ଯୋଗାଇଦେଲେ ଭ୍ରୂଣ ବଢ଼ି ବଢ଼ି ଶିଶୁ ହୋଇପାରିବ । ବୈଜ୍ଞାନିକମାନେ ଲାବୋରେ-ଟରୀରେ ଗୋଟିଏ କାଚଥାଳିରେ ଏହିପ୍ରକାର କୃତ୍ରିମ ମାଧ୍ୟମ (ଇଂରାଜୀରେ ଏହାକୁ କଲ୍‌ଚର୍ କହନ୍ତି) ତିଆରିକରି ତହିଁରେ ପ୍ରାଣୀର ଡିମ୍ବ ଓ ଶୁକ୍ରକୁ ମିଶାଇ ଭ୍ରୂଣ ସୃଷ୍ଟି କରିପାରୁଛନ୍ତି । କାଚକୁ ଲାଟିନ୍ ଭାଷାରେ ଭାଇଟ୍ରୋ କହନ୍ତି । ତେଣୁ ଏପ୍ରକାର ଭ୍ରୂଣଜନ୍ମକୁ in vitro fertilisation, ସଂକ୍ଷେପରେ IVF ବା ସାଧାରଣ ଭାଷାରେ "ଟେଷ୍ଟ୍ ଟ୍ୟୁବ୍ ବେବି' କହନ୍ତି । ଏପର୍ଯ୍ୟନ୍ତ ମା'ପେଟର ବାହାରେ କୌଣସି ଶିଶୁ ଜନ୍ମି ନାହିଁ । ଭ୍ରୂଣକୁ ମା'ର ଜରାୟୁରେ ପୁନର୍ବାର ରଖାହେଉଛି । ମାତ୍ର ଗାନ୍ଧାରୀ



ବ୍ୟାସଦେବ ସଦ୍ୟଜାତ ଭ୍ରୂଣଟିକୁ ୧୦୧ ଭଗ କରି ମନ୍ତ୍ରପାଣି ସିଞ୍ଚି ପ୍ରତ୍ୟେକ ଭଗକୁ ଗୋଟିଏ ଗୋଟିଏ ସମ୍ପୂର୍ଣ୍ଣ ଜୀବନ ଦେଇଛନ୍ତି । ଆଜିକାଲି ଯେପରି ଗବେଷଣାଗାରରେ କାଚ ଥାଳିରେ ଡିମ୍ବ ଓ ଶୁକ୍ର ମିଶାଯାଇ ଭ୍ରୂଣ କରାଯାଉଛି ଓ ପରେ ତାକୁ ମାଆର ଗର୍ଭରେ ରୋପଣ କରାଯାଉଛି ସେଭଳି ନ କରି ମାଆର ଗର୍ଭରେ ଥିବା ତାପ, ଚାପ ଆଦି ଅବସ୍ଥାକୁ ଅନୁକରଣ କରି କୃତ୍ରିମ ଉପାୟରେ ବାହାରେ ଭ୍ରୂଣ ବଢ଼ିବାର ପରିସ୍ଥିତି ସୃଷ୍ଟି କରାଯାଇ-ପାରିବ । ବ୍ୟାସଦେବ ଯେଉଁ ୧୦୧ଟି ମାଠିଆରେ ଭ୍ରୂଣଟିକୁ ଭଗ ଭଗ କରି ଜୀବନ୍ୟାସ ଦେଇଥିଲେ ସେହି ମାଠିଆଗୁଡ଼ିକ ସମ୍ଭବତଃ ମାତୃଗର୍ଭର ବାହାରେ ଏକ ଗର୍ଭ ଭଳି କାମ କରିଛି । ଏହା ସେ ଯୁଗର ଜେନେଟିକ୍ ଇଞ୍ଜିନିୟରିଂ ବା ନୂଆ ଜୀବ ସୃଷ୍ଟି କୌଶଳର ଅଂଶ ।



ସାଧାରଣତଃ ବାହାର ଜିନିଷକୁ କୌଣସି ଜୀବକୋଷ ଗହଣ କରେ ନାହିଁ, ବରଂ ଠେଲିଦିଏ ବା ତ୍ୟାଗ କରେ । ଗୋଟିଏ କଣ୍ଟା ଫୋଡ଼ି ହୋଇଗଲେ ତା ଗ୍ରରିପଟେ ଦେହର କୋଷଗୁଡ଼ିକ ପଟି ପଟି କଣ୍ଟାଟିକୁ ବାହାର କରିବାକୁ ଚେଷ୍ଟା କରୁଥାଏ । କିନ୍ତୁ ମା ଦେହରେ ଥିବା ଡିମ୍ବକୋଷ ଟିକିଏ ନିଆରା । ଶୁକ୍ର ଅଣୁ ତାହା ଦେହରେ ଧକ୍କା ଦେଇ ଆଘାତ କଲେ ମଧ୍ୟ ଡିମ୍ବଟି ଶୁକ୍ରକୁ ନିଜ ଦେହରେ ମିଶାଇ ନେଇପାରେ । ନିଜ ଦେହରେ ହୋଇଥିବା କ୍ଷତକୁ ମରାମତ କରିନିଏ । ଡିମ୍ବ ଓ ଶୁକ୍ର ମିଶି ଯେପରି ଗୋଟିଏ ହୋଇଯାଆନ୍ତି, ଡିମ୍ବରେ ବାହାରର କୌଣସି ଯନ୍ତ୍ରର ଜିନ୍ ବା ବଂଶଗତ ବାହନକାରୀ କୋଷ ପୂରାଇଦେଲେ ନୂଆ ଜୀବ ଗଢ଼ା ହୁଏ ।

ଯୋଗାଇଥିବା ୧୦୧ଟି ପାତ୍ର ପରୀକ୍ଷା-ଆଳିଭଳି ଓ ତାଙ୍କର ଠାକୁରଘର ଲାବୋରେଟରୀଭଳି କାମ କରୁଛି । ପାତ୍ରରେ ଥିବା କଲ୍‌ଚର୍ ଘିଅଭଳି ଦିଶୁଥିବ ବୋଲି ମହାଭାରତ-ରଚୟିତା ତାଙ୍କ ଏପ୍ରକାର ବର୍ଣ୍ଣନା ।

ବର୍ତ୍ତମାନ ପ୍ରଶ୍ନ କରାଯାଇପାରେ, ଯଦି ଗୋଟିଏ ଗର୍ଭରୁ ଏକାଧିକ ସନ୍ତାନ ଜାତ ହେଲେ, ସେମାନେ ଯାଆଁଳାଭଳି ଏକା ଗୁଣର ବା ଏକା ରୂପର ହେଲେ ନାହିଁ କାହିଁକି ? ଏହାର ମଧ୍ୟ ବୈଜ୍ଞାନିକ କାରଣ ଅଛି ।

ଡିମ୍ବ ଏପରିଭାବରେ ତିଆରି ଯେ ତହିଁରେ ବାହାରର କୌଣସି କୋଷ (cell) ଆଘାତ କଲାକ୍ଷଣି ସେ ତାକୁ ନିଜ ଦେହରେ ମିଶାଇନେବ ଓ ନିଜ ଦେହରେ ଥିବା ଅଭୁତ ମରାମତି ଶକ୍ତିକୁ ବ୍ୟବହାର କରିବ । ଏହା ନ ହେଉଥିଲେ ଡିମ୍ବ ଓ ଶୁକ୍ର ମିଶିପାରନ୍ତେ ନାହିଁ କି ଭ୍ରୂଣ ତିଆରିହୋଇପାରନ୍ତା ନାହିଁ । ଡିମ୍ବସହିତ ଶୁକ୍ରର ଧକ୍‌କା ହେବାକ୍ଷଣି ଡିମ୍ବଟି କ୍ଷତିଗ୍ରସ୍ତ ହୁଏ ଓ ତା'ର ମରାମତି କାମ ତ୍ୱରାନ୍ୱିତ ହୁଏ । ତେଣୁ ଏହି ସମୟରେ କ୍ଷତିଗ୍ରସ୍ତ ଡିମ୍ବରେ କିଛି ନୂଆ ଜିନ୍ (gene) ବା ଅନ୍ୟ ପ୍ରାଣୀର ଦୋଷ-ଗୁଣ ଥିବା କୋଷ ପୂରାଇଦେଲେ ମରାମତି ପ୍ରକ୍ରିୟା ଚାଲୁରହିଥିବାରୁ ଭ୍ରୂଣଟିରେ ତାହା ମିଶିଯାଏ । ବାହାରର ଜିନ୍‌କୁ ଡାକ୍ତର୍‌ମାନେ ସରୁ ଛୁଞ୍ଚିରେ ଇଂଜେକ୍‌ସନ୍-ଦ୍ୱାରା ପୂରାଉଛନ୍ତି । କିନ୍ତୁ ବ୍ୟାସଦେବ ତାଙ୍କ କମଣ୍ଡଳୁର ମନ୍ତ୍ରପାଣି ଛିଞ୍ଚିଦେଇ ଏହା କରିପାରୁଥିଲେ । ତାଙ୍କ କମଣ୍ଡଳୁରେ ସାଧାରଣ ପାଣି ନ ଥିଲା । ସେହି ତରଳ ପଦାର୍ଥଭିତରେ ପରାକ୍ରମୀ ପ୍ରାଣୀମାନଙ୍କ ଜିନ୍ ଭରିରହିଥିଲା । କଟା ଭ୍ରୂଣର ବିଭିନ୍ନ ଖଣ୍ଡରେ ବିଭିନ୍ନ ପ୍ରକାର ଜିନ୍ ମିଶି ନୂଆ ନୂଆ ଭ୍ରୂଣ ତିଆରିକରୁଥିବାରୁ

ଶହେ ଭାଇ ଓ ଗୋଟିଏ ଭଉଣୀ ଭିନ୍ନ ଭିନ୍ନ ଗୁଣ ବା ଶକ୍ତି ନେଇ ଜନ୍ମ ଗ୍ରହଣ କରିଥିଲେ । ବଡ଼ ଆଶ୍ଚର୍ଯ୍ୟର କଥା ଯେ ମାଆପେଟର ବାହାରେ ଭ୍ରୂଣଗୁଡ଼ିକ ବଡ଼ ବଡ଼ ଶିଶୁ ହୋଇଥିଲେ ।

ଦୁଇରୁ ଅଢ଼େଇ ହଜାର ବର୍ଷତଳେ ଏହିଭଳି ଅତି ଗୁରୁତ୍ୱପୂର୍ଣ୍ଣ ତଥା ଆଶ୍ଚର୍ଯ୍ୟଜନକ ବୈଜ୍ଞାନିକ କାର୍ଯ୍ୟ ଘଟିଥିବ ବା ମହାଭାରତକାର ଏଭଳି ଏକ ଚିନ୍ତା କରିପାରିଥିଲେ, ତାହା ଭାବିଲେ ସତରେ ବଡ଼ ଆଶ୍ଚର୍ଯ୍ୟ ଲାଗେ ।

● ● ●

# ଖାଣ୍ଡବଦହନ ଓ କୃତ୍ରିମ ଯାଗ

ଅର୍ଜୁନଙ୍କ ବାର ବର୍ଷର ବନବାସ ସରିଯାଇଥାଏ । ଏକଦା ଶ୍ରୀକୃଷ୍ଣ ଓ ଅର୍ଜୁନ ଯମୁନା ନଦୀକୂଳରେ ଗୋଟିଏ ଗଛମୂଳରେ ବସି କଥାବାର୍ତ୍ତା ହେଉଥାଆନ୍ତି । ଅତୀତର ବୀରତ୍ୱ ବିଷୟରେ ଚର୍ଚ୍ଚା ଚାଲିଥାଏ । ଏହି ସମୟରେ ସେଠାରେ ଜଣେ ବ୍ୟକ୍ତି ଉପସ୍ଥିତ ହୋଇ କହିଲେ, "ମୁଁ ଜଣେ ବ୍ରାହ୍ମଣ । ବହୁତ ଦିନ ହେଲା ମୁଁ କ୍ଷୁଧାର୍ତ୍ତ । ମୋ କ୍ଷୁଧା ମେଣ୍ଟିବା ଭଳି ଥରେ ମାତ୍ର ଯଥେଷ୍ଟ ଖାଦ୍ୟ ଦେଇପାରିବେ କି ..."

ଅର୍ଜୁନ ତାଙ୍କୁ ଅତିଥିଶାଳା ଆଡ଼କୁ ନେଇଯିବାର ଉଦ୍ୟମ କରିବାରୁ ସେ ନିଜର ପରିଚୟ ଦେଇ କହିଲେ, "ମୁଁ ଅଗ୍ନି । ମୁଁ ସାଧାରଣ ଖାଦ୍ୟ ଖାଏ ନାହିଁ । ହୋମ, ଯଜ୍ଞ ଆଦିରୁ ଅତ୍ୟଧିକ ଘୃତପାନ କରି ମୁଁ ଅସୁସ୍ଥ ହୋଇପଡ଼ିଛି । ଖାଣ୍ଡବବନକୁ ଦହନ କରିପାରିଲେ ଯାଇ ମୋ କ୍ଷୁଧା ଶାନ୍ତ ହେବ । ମାତ୍ର ଖାଣ୍ଡବବନକୁ ସ୍ୱୟଂ ଇନ୍ଦ୍ର ରକ୍ଷା କରୁଛନ୍ତି । ତାଙ୍କ ବନ୍ଧୁ ନାଗରାଜ ତକ୍ଷକ

ସେଠାରେ ବାସ କରନ୍ତି । ମୁଁ ଯେତେବେଳେ ଖାଣ୍ଡବବନକୁ ଖାଇବାକୁ ଚେଷ୍ଟା କରେ, ଇନ୍ଦ୍ରଙ୍କ ବଜ୍ର ଆଉ ବୃଷ୍ଟି ଯୋଗୁ ମୁଁ ପଛଘୁଞ୍ଚା ଦିଏ । ମୋର ଭୋଜନପାଇଁ ଖାଣ୍ଡବବନକୁ କେବଳ ଆପଣମାନେ ହିଁ ଦେଇପାରିବେ ।''

ଅର୍ଜୁନ କହିଲେ, ''କ୍ଷତ୍ରିୟ ଧର୍ମ ଅନୁଯାୟୀ ମୁଁ ଆପଣଙ୍କୁ ନିଶ୍ଚୟ ସାହାଯ୍ୟ କରିବି । ମୋପାଖରେ ମଧ୍ୟ ଶକ୍ତିଶାଳୀ ତୀର ଓ କ୍ଷେପଣାସ୍ତ୍ରମାନ ଅଛି; କିନ୍ତୁ ସେଗୁଡ଼ିକ ବ୍ୟବହାର କରିବାପାଇ ସ୍ୱତନ୍ତ୍ର ଧନୁ ଓ ତା'ର ଓଜନ ସମ୍ଭାଳିପାରିବାଭଳି ରଥ ଆବଶ୍ୟକ । ଏହା ବ୍ୟତୀତ କୃଷ୍ଣଙ୍କପାଇଁ ତାଙ୍କ ଚକ୍ର ମଧ୍ୟ ଦରକାର ।''

ଅଗ୍ନି ତତ୍‌କ୍ଷଣାତ୍ ଦୁଇ ଜଣଙ୍କୁ ଆବଶ୍ୟକ ଅସ୍ତ୍ରଶସ୍ତ୍ର ଓ ରଥ ପ୍ରଦାନ କଲେ ।

ବୀରଦର୍ପରେ ଦୁଇ ଯୋଦ୍ଧା ରଥ ଆରୋହଣ କଲେ । ସେମାନେ ଅଗ୍ନି ଦେବଙ୍କୁ ପ୍ରଣାମ କରି କହିଲେ, ''ଆପଣ ଏବେ ଖାଣ୍ଡବବନ ଗ୍ରାସ କରିପାରନ୍ତି । ଆମେ ଇନ୍ଦ୍ରଙ୍କୁ ଅଟକାଇବୁ ।''

ଖାଣ୍ଡବବନକୁ ଅଗ୍ନିଙ୍କ ଜଳନ୍ତା ରୂପ ଘେରିଗଲା । ବନର ସମସ୍ତ ବୃକ୍ଷଲତା ଜଳିଉଠିଲା । ଅନେକ ଜୀବଜନ୍ତୁ ପୋଡ଼ି ମଲେ । ଝରଣା-ପୋଖରୀର ପାଣି ବାଷ୍ପ ହୋଇ ଆକାଶକୁ ଉଠିଲା ।

ହେଲେ, ଇନ୍ଦ୍ର କି ଥୟ ହୋଇ ରହିପାରନ୍ତେ ? ତାଙ୍କ ଆଦେଶରେ ଖାଣ୍ଡବବନ ଉପରେ ସହସ୍ର ବାଦଲରୁ ବର୍ଷାପାଣି ପଡ଼ିଲା । ପାଣି ଯେପରି ଭୂପୃଷ୍ଠରେ ନ ପଡ଼େ, ଅର୍ଜୁନ ତୀର ମାରି ଖାଣ୍ଡବ ଓ ବାଦଲ ମଧ୍ୟରେ ଏକ ବିରାଟ ଛତା ତିଆରି କରିଦେଲେ ।

ହଠାତ୍ ଇନ୍ଦ୍ର ବଜ୍ର ପ୍ରୟୋଗ କରି ବିଜୁଳି ଓ ଘଡ଼ଘଡ଼ି ସୃଷ୍ଟି କଲେ । ମୁହୂର୍ତ୍ତକପାଇଁ ଅର୍ଜୁନଙ୍କ ଆଖି ବନ୍ଦ ହୋଇଗଲା । ସେହି ମୁହୂର୍ତ୍ତରେ ତକ୍ଷକ ଖସିପଳାଇଗଲା ।



[ଖାଣ୍ଡବ ବନ ଦହନ]

ବର୍ଷା କିପରି ହୁଏ ତାହାର ବୈଜ୍ଞାନିକ ଧାରଣା ମହାଭରତ ଯୁଗରେ ବି ଥିଲା । ନିଆଁ ଲାଗିଲେ ପବନ ବୋହିବା ଉପରେ ନିଆଁର ପୋଡ଼ିବା ଶକ୍ତି ନିର୍ଭର କରେ । ତେଣୁ ଅର୍ଜୁନ ଅଗ୍ନି ଅସ୍ତ୍ର ପ୍ରୟୋଗ କଲା ପରେ ବାୟୁ ଅସ୍ତ୍ର ପ୍ରୟୋଗ କରିଥିଲେ । ବର୍ଷାହେଲେ ନିଆଁ ଲିଭିଯାଇପାରେ ବୋଲି ବାୟୁ ଅସ୍ତ୍ରର ଆଉ ଗୋଟିଏ କାମ ଥିଲା ଯେ ତାହା ବାଦଲକୁ ଘଉଡ଼ାଇ ଦେବ ।



[କୃତ୍ରିମ ବର୍ଷା]

ବାଦଲ ଉପରକୁ ଯାଇ ବିମାନରୁ ଡ୍ରାଏ ଆଇସ୍ ବା ଶୁଖିଲା ବରଫ ପକାଇଲେ ବର୍ଷା ହୁଏ । ଅଙ୍ଗାରକାମ୍ଳ ବାଷ୍ପକୁ ଖୁବ୍ ଥଣ୍ଡାକରି ଜମାଟ ବାନ୍ଧି ଦେଲେ ଯେଉଁ ବରଫ ହୁଏ ତାକୁ ଶୁଖିଲା ବରଫ କହନ୍ତି । ଏହା ଏତେ ଥଣ୍ଡା ଯେ ବାଦଲରେ ଭସୁଥିବା ଜଳୀୟବାଷ୍ପକୁ ସାଙ୍ଗେ ସାଙ୍ଗେ ଜଳ ବିନ୍ଦୁରେ ପରିଣତ କରେ ଓ ତାହା ବର୍ଷା ହୋଇ ଖସିପଡ଼େ । ଆଉ ଗୋଟିଏ ଉପାୟ ହେଉଛି ଜଳୀୟବାଷ୍ପଗୁଡ଼ିକୁ କେନ୍ଦ୍ରୀଭୂତ ହେବାପାଇଁ ଗୋଟିଏ ଗୋଟିଏ ଆଧାର ଯୋଗାଇବା । ଧୂଳିକଣା ସାଧାରଣତଃ ଏହି ଆଧାର ଯୋଗାଇଥାଏ । ସିଲଭର୍ ଆୟୋଡ଼ାଇଡ୍ ନାମକ ଏକ କେମିକାଲକୁ ବାଦଲ ଉପରେ ବିଞ୍ଚି-ଦେଲେ ଭସମାନ ଜଳୀୟବାଷ୍ପକୁ ତାହା ଟାଣି ଆଣେ ଓ ଜଳୀୟବାଷ୍ପ ଘନୀଭୂତ ହୋଇ ଜଳବିନ୍ଦୁ ହୁଏ । ତେଣୁ ବର୍ଷା ହୁଏ ।

ପରାଜୟ ପାଖାପାଖି ଦେଖି ଅର୍ଜୁନ ରାଗିଗଲେ ଓ ଇନ୍ଦ୍ରଙ୍କ ସହିତ ସିଧାସଳଖ ଯୁଦ୍ଧ କଲେ । ଇନ୍ଦ୍ର ବିଜୁଳି ଓ ବଜ୍ର ସୃଷ୍ଟି କରି ଅର୍ଜୁନଙ୍କୁ ଡରାଇବାକୁ ଚେଷ୍ଟା କଲେ । ଘନ କଳା ବାଦଲ ଘୋଟିଆସିଲା । ତୋଫାନ ପ୍ରବଳ ବେଗରେ ବହିଲା । ଅର୍ଜୁନ ତିଆରିକରିଥିବା ଛତା ଭୁଷୁଡ଼ିପଡ଼ିଲା । ଏଥର ଅର୍ଜୁନ ବାୟବୀୟ ଅସ୍ତ୍ର ପ୍ରୟୋଗ କରି ସେହି ବାଦଲଗୁଡ଼ିକୁ ଛିନ୍ନଭିନ୍ନ କରି ଉଡ଼ାଇଦେଲେ ।

ଯୁଦ୍ଧ ଘମାଘୋଟ ହୋଇଉଠିଲା । ଖାଣ୍ଡବବନରୁ ଅଗ୍ନିଙ୍କୁ ଘଉଡ଼ାଇବାକୁ ଅଧିକ ବର୍ଷା ଦରକାର ହେଲା । ଇନ୍ଦ୍ର ତୀର ଚଳାଇ ସମୁଦ୍ରମାନଙ୍କର ପାଣିକୁ ବାଷ୍ପ କରିଦେଲେ ଓ ମାରୁତ-ଅସ୍ତ୍ର ସାହାଯ୍ୟରେ ଘନ ବାଦଲଗୁଡ଼ିକୁ ଖାଣ୍ଡବବନ ଉପରକୁ ନେଇ-ଆସିଲେ । ଅର୍ଜୁନ ତା'ର ପ୍ରତିକାର କରିବାପାଇଁ ମନେ ମନେ ମନ୍ତ୍ର ପଢ଼ି ବାୟବୀୟ ଅସ୍ତ୍ର ପ୍ରେରଣ କଲେ । ବାଦଲଗୁଡ଼ିକ ବିଭିନ୍ନ ଦିଗରେ ଏତେ ଦୂରକୁ ଫୋପାଡ଼ିହୋଇଗଲା ଯେ ସେଗୁଡ଼ିକୁ ପୁଣି ଏକାଠି କରିବା ଇନ୍ଦ୍ରଙ୍କ ପକ୍ଷରେ ଆଉ ସମ୍ଭବପର ହେଲା ନାହିଁ । ସେଗୁଡ଼ିକର ବର୍ଷା କରିବା ଶକ୍ତି ନଷ୍ଟ ହୋଇଗଲା ।

ଆକାଶ ସଫା ହୋଇଗଲା । ଶୀତଳ ହାଲୁକା ପବନ ବହିଲା । ଅଗ୍ନି ଖୁସିମନରେ ଖାଣ୍ଡବବନକୁ ଦହନ କରିଚାଲିଲେ । ଅନ୍ୟତ୍ର ଶ୍ରୀକୃଷ୍ଣଙ୍କ ଚକ୍ର ଖାଣ୍ଡବବନର ପ୍ରାଣୀମାନଙ୍କୁ ଅଗ୍ନିଙ୍କ ଖାଦ୍ୟରେ ପରିଣତ କରୁଥିଲା ।

ସେତିକିବେଳେ ଇନ୍ଦ୍ର ଶୁଣିବାକୁ ପାଇଲେ ଯେ ତାଙ୍କ ମିତ୍ର ତକ୍ଷକ ଖାଣ୍ଡବବନ ଛାଡ଼ି ପଳାଇଛନ୍ତି ; ତେଣୁ ଖାଣ୍ଡବବନକୁ ରକ୍ଷା କରିବା ଆଉ ଦରକାର ନାହିଁ । ଅଧିକନ୍ତୁ ଅର୍ଜୁନ ଅଗ୍ନିଙ୍କପାଇଁ ଜିଦ୍ ଧରିଛି ; ଛାଡ଼ିବ ନାହିଁ ।

ଇନ୍ଦ୍ର ଯୁଦ୍ଧ-ବନ୍ଦ ଘୋଷଣା କଲେ । ଅଗ୍ନି ତାଙ୍କ ମନ-ଖୁସିରେ କ୍ଷୁଧା ନିବାରଣ କଲେ ।

ଏହି ପୁରାଣ କଥାଟିର ମୂଳ ହେଲା ଯେ ବର୍ଷା ହେଲେ ଖାଣ୍ଡବବନରେ ଜଳୁଥିବା ଅଗ୍ନି ଲିଭିଯିବ । ଇନ୍ଦ୍ର ଇଚ୍ଛା କରିବାକ୍ଷଣି ବର୍ଷା କରାଇପାରିବେ । କେବଳ ଅର୍ଜୁନ ହିଁ ବାଦଲକୁ ଘଉଡ଼ାଇ-ଦେବାର ଉପାୟ ଜାଣିଥିଲେ ।

ଏଭଳି ପାଗ-ପରିବର୍ତ୍ତନ ଆଉ 'ପୁରାଣର କଥା ହୋଇ ରହି ନାହିଁ । ଆଜିକାଲିର ବୈଜ୍ଞାନିକମାନେ ଉଭୟ ଇନ୍ଦ୍ରଙ୍କ ବର୍ଷା କରିବା ଶକ୍ତି ଓ ଅର୍ଜୁନଙ୍କ ବର୍ଷା ତଡ଼ିବା ଶକ୍ତି ହାସଲ କଲେଣି । କୃତ୍ରିମ ଉପାୟରେ ଯେପରି ବର୍ଷା କରାଇହେବ, ସେହିଭଳି ବର୍ଷା-ଦିନରେ ମଧ୍ୟ ଖରାପାଗ କରାଇହେବ ।

୧୯୮୫ ଜୁଲାଇ ୨୭ ତାରିଖ ଦିନ ମସ୍କୋର ଲେନିନ୍ ଷ୍ଟାଡିଅମ୍‌ରେ ଦ୍ୱାଦଶ ବିଶ୍ୱ ଯୁବ ଉତ୍ସବ (International Youth Festival) ଉଦ୍‌ଘାଟିତ ହେବାର ଥିଲା । ତହିଁପୂର୍ବଦିନ ଖୁବ୍ ଜୋର୍‌ରେ ସେଠାରେ ବର୍ଷା ହୋଇଥିଲା । ମୌସୁମୀ ବିଭାଗ କହିଲା, ଅଧିକ ବର୍ଷା ହେବାର ସମ୍ଭାବନା ଅଛି । ଉଦ୍‌ଘାଟନ ଉତ୍ସବଟି ଭାଙ୍ଗିଯିବାର ଆଶଙ୍କା ହେଲା ।

ରୁଷ ପାଗରକ୍ଷା (Weather Protection) ସଂସ୍ଥା ପାଗକୁ ସୁଧାରିଦେଇପାରିବେ ବୋଲି କହିଲେ । ଯୋଜନା କରାଗଲା । ପବନ ବହିବା ଦିଗକୁ ହିସାବରେ ନିଆଗଲା । ଉପଗ୍ରହଜରିଆରେ ପବନର ବେଗକୁ ମଧ୍ୟ ମପାଗଲା । ଯେଉଁ ବାଦଲଗୁଡ଼ିକ ୨୭ ତାରିଖରେ ମସ୍କୋ ଉପରେ ବ୍ୟାପିବ, ସେହି ବାଦଲଗୁଡ଼ିକ ଭିତରେ ଜୁଲାଇ ୨୬ ତାରିଖରେ ଉଡ଼ାଜାହାଜଦ୍ୱାରା ଶୁଷ୍କ ବରଫ (dry ice) ବା ଜମାଟବନ୍ଧା ଅଙ୍ଗାରକାମ୍ଳ ବିଛାଡ଼ିଦିଆଗଲା ।

ବାଦଲଗୁଡ଼ିକ ଲେନିନ୍ ଷ୍ଟାଡିଅମ୍‌ରେ ପହଞ୍ଚିବାର ବହୁତ ପୂର୍ବରୁ ବରଷିଗଲା । ଷ୍ଟାଡିଅମ୍‌ରେ ତହିଁଆରଦିନ ବେଶ୍ ଖରାପାଗ ହେଲା ।

କୃତ୍ରିମଉପାୟରେ ପାଗ ବଦଳାଇବାପାଇଁ ବୈଜ୍ଞାନିକମାନେ ଦୁଇଟି ଉପାୟ ଉଦ୍ଭାବନ କରିଛନ୍ତି । ତନ୍ମଧ୍ୟରୁ ଗୋଟିଏ ହେଉଛି ଶୁଷ୍କ ବରଫର ବ୍ୟବହାର । ଏହି ଶୁଷ୍କ ବରଫଟି କ'ଣ ? କାର୍ବନ୍-ଡାୟକ୍‌ସାଇଡ୍ ବା ଅଙ୍ଗାରକାମ୍ଳ ବାଷ୍ପକୁ ଖୁବ୍ ଥଣ୍ଡା କଲେ ତାହା ତରଳରୁ କଠିନ ଅବସ୍ଥାକୁ ଆସେ । ଏହି ଜମାଟବନ୍ଧା ଅଙ୍ଗାରକାମ୍ଳ ବରଫଭଳି ଦିଶେ । ବରଫ ତରଳିଲେ ପାଣି ହୁଏ ; ମାତ୍ର ଏହି ବରଫ ସାଧାରଣ ତାପ ପାଇଲେ ସିଧାସଳଖ ବାଷ୍ପ ହୋଇଯାଏ । ତେଣୁ ଏହାକୁ ଶୁଷ୍କ ବରଫ କହନ୍ତି । ଶୁଷ୍କ ବରଫ ଜିନିଷପତ୍ର ଥଣ୍ଡା ରଖିବାପାଇଁ ତଥା ଦୂର ଜାଗାମାନଙ୍କୁ ପଠାଯାଉଥିବା ଜିନିଷମାନ ନଷ୍ଟ ନ ହେବାପାଇଁ ସେଗୁଡ଼ିକୁ ରେଫ୍ରିଜରେଟେଡ୍ ବା ପ୍ରଶୀତନ କରିବାପାଇଁ ବ୍ୟବହାର କରାହୁଏ । ଅତି ଶୀଘ୍ର ବାଷ୍ପ ହୋଇଯାଉଥିବାରୁ ଶୁଷ୍କ ବରଫ ଜିନିଷପତ୍ରକୁ ଖୁବ୍ ଥଣ୍ଡା ରଖେ । ବିମାନଯୋଗେ ଶୁଷ୍କ ବରଫ ଗୁଣ୍ଡ ବାଦଲଭିତରେ ଛାଡ଼ିଦେଲେ ତାହା ବାଷ୍ପ ହୋଇଯିବା ସଙ୍ଗେ ସଙ୍ଗେ ବାଦଲକୁ ଥଣ୍ଡା କରିଦିଏ ; ବାଦଲରେ ଥିବା ଜଳୀୟ ବାଷ୍ପ ଜଳ ହୋଇ ବର୍ଷା ହୁଏ । ଯେଉଁ ସ୍ଥାନରେ ବାଦଲ ଅଛି, ସେହିଠାରେ ହିଁ ବର୍ଷା କରାଯାଇପାରେ ।

ପାଗ ବଦଳାଇବାର ଆଉ ଗୋଟିଏ ଉପାୟ ହେଲା ସିଲ୍‌ଭର୍ ଆୟୋଡାଇଡ୍ ନାମକ ଏକ ରାସାୟନିକ ପଦାର୍ଥର ବ୍ୟବହାର । ସିଲ୍‌ଭର୍ ଆୟୋଡାଇଡ୍ ଲମ୍ବା ଲମ୍ବା ସ୍ଫଟିକ । ଏହାର ଛଅଟି ପାଖ ଥାଏ ; ଦେଖିବାକୁ ଛୁଞ୍ଚି ଭଳି । ଏହାର ଗୋଟିଏ ଅଦ୍ଭୁତ ଗୁଣ ଯେ ଏହାକୁ ଗରମ କଲେ ସଂକୁଚିତ ଓ ଥଣ୍ଡା କଲେ ପ୍ରସାରିତ ହୁଏ । ଏହାକୁ ବାଦଲମଧ୍ୟରେ ଛାଡ଼ିଦେଲେ ଠିକ ଠିକ ଜଳକଣା-

ଗୁଡ଼ିକ ଗୋଟି ଗୋଟି ସିଲ୍‌ଭର୍ ଆୟୋଡାଇଡ୍ ସ୍ଫଟିକ ଦେହରେ ଲାଗିରହେ । ଅଧିକ ମାତ୍ରାରେ ଜମିଗଲେ ସ୍ଫଟିକର ଓଜନ ବଢ଼ିଯାଏ ଓ ଜଳବିନ୍ଦୁ ସହିତ ଖସିପଡ଼େ । ତେଣୁ ବର୍ଷା ହୁଏ । ଏହି ପ୍ରଣାଳୀକୁ କ୍ଲାଉଡ୍ ସିଡିଙ୍ଗ୍ (cloud seeding) ବା ବାଦଲର ମଞ୍ଜି ବୁଣିବା କହନ୍ତି ।

ଏ ତ ଆଜିର କଥା । ନିକଟ ଭବିଷ୍ୟତରେ ଆଣ୍ଟାର୍କଟିକା ମହାଦେଶରୁ ଜାହାଜଦ୍ୱାରା ଟଣାହୋଇ ବିଶାଳ ବରଫର ପାହାଡ଼ ଓ ଭାସମାନ ତୁଷାରଗିରି ଆଣାଯିବ । ୪୦୦୦ କିଲୋମିଟରରୁ ଊର୍ଦ୍ଧ୍ୱ ଦୂରତା ଅତିକ୍ରମ କଲାବେଳେ ଏହି ତୁଷାରଗିରିରୁ ବହୁତ ଅଂଶ ତରଳିଯିବ । ତଥାପି ଏହାଦ୍ୱାରା ଆରବଭଳି ମରୁଭୂମିରେ ଯଥେଷ୍ଟ ଶୁଦ୍ଧ ଜଳ ଯୋଗାଯାଇପାରିବ । ବଡ଼ କଥା ହେଉଛି— ଯେଉଁ ଯେଉଁ ସ୍ଥାନ ଦେଇ ତୁଷାରଗିରି ଟଣାହୋଇ ନିଆଯିବ, ସେ ସ୍ଥାନରେ ବାୟୁମଣ୍ଡଳ ଥଣ୍ଡା ହୋଇ ଅଧିକ ବର୍ଷା ହେବ ।

ମଣିଷ ପାଗ ବଦଳାଇବାପାଇଁ ଉପଗ୍ରହର ମଧ୍ୟ ସହାୟତା ନେଇପାରିବ । ଉପଗ୍ରହରୁ ତାପରଶ୍ମି ( heat ray )ଦ୍ୱାରା ସମୁଦ୍ର ଜଳରୁ ସିଧାସଳଖ ବାଷ୍ପ ସୃଷ୍ଟି କରିହେବ ; ତହିଁରୁ ବାଦଲ ସୃଷ୍ଟି ହେବ ଏବଂ ସେହି ତାପରଶ୍ମିଦ୍ୱାରା ବାଦଲଗୁଡ଼ିକୁ ଉଦ୍ଦିଷ୍ଟ ସ୍ଥାନରେ ପହଞ୍ଚାଇହେବ । ଯେଉଁଠାରେ ଅଧିକ ବର୍ଷାହେତୁ ବନ୍ୟାର ଆଶଙ୍କା ରହିଛି, ସେଠାରୁ ତାପରଶ୍ମିଦ୍ୱାରା ବାଦଲ-ଗୁଡ଼ିକୁ ଅନ୍ୟ ଏକ ଦରକାରୀ ସ୍ଥାନକୁ ନିଆଯାଇପାରିବ ।

ଏହା କଳ୍ପନା ନୁହେଁ, ନିକଟ ଭବିଷ୍ୟତରେ କାର୍ଯ୍ୟକାରୀ ହେବାକୁ ଯାଉଛି । ଏହା ସମ୍ଭବପର ହେଲେ କଳ୍ପନାତୀତ ଲାଭ ହେବ । ଇଥିଓପିଆରେ ଶୋଚନୀୟ ମରୁଡ଼ି ଅବସ୍ଥା ଦେଖିବାକୁ ମିଳିବ ନି । ପୁଣି 'ସାହାରା'ଭଳି ମରୁଭୂମିମାନଙ୍କରେ ସବୁଜ ବନାନୀ ସୃଷ୍ଟି କରିହେବ ।

● ● ●

## ସଞ୍ଜୟଙ୍କ ଦିବ୍ୟଦୃଷ୍ଟି ଓ ସୁଦୂରସନ୍ଧାନୀ ଉପଗ୍ରହ

ମହାଭାରତ ଯୁଦ୍ଧ ଏଡ଼ାଇବାପାଇଁ ପାଣ୍ଡବମାନଙ୍କ ପକ୍ଷରୁ ଶାନ୍ତି-ପ୍ରସ୍ତାବ ନେଇ ନିଜେ ଶ୍ରୀକୃଷ୍ଣ ଦୁର୍ଯ୍ୟୋଧନଙ୍କ ନିକଟକୁ ଯାଇଥିଲେ । ସେଥିରେ ସେ ବିଫଳ ହେବାରୁ ପାଣ୍ଡବମାନେ ଯୁଦ୍ଧର ଆୟୋଜନ କଲେ । ପାଣ୍ଡବମାନଙ୍କର ସାତ ଅକ୍ଷୌହିଣୀ ସୈନ୍ୟଙ୍କର କୌରବମାନଙ୍କ ଏଗାର ଅକ୍ଷୌହିଣୀ ସୈନ୍ୟଙ୍କ ସହିତ ମୁହାଁମୁହିଁ ଯୁଦ୍ଧ ହେଲା । ପ୍ରତି ଅକ୍ଷୌହିଣୀରେ ୨୧୮୭୦ ହାତୀ, ୨୧୮୭୦ ରଥ, ୬୫୬୧୦ ଘୋଡ଼ସବାର ଓ ୧୦୯୩୫୦ ପଦାତିକ ସୈନ୍ୟ ଥାଆନ୍ତି ।

ଯୁଦ୍ଧ ଆରମ୍ଭ ହେବାପୂର୍ବରୁ ଉଭୟ ପକ୍ଷର ସେନାପତି-ମାନେ ମିଳିତ ହୋଇ ଲଢ଼େଇର ନିୟମ ସ୍ଥିର କଲେ । ପ୍ରତ୍ୟେକ ଦିନ ସୂର୍ଯ୍ୟାସ୍ତ ହେଲେ ସୈନ୍ୟମାନେ ଲଢ଼େଇ ବନ୍ଦ କରିବେ ଓ ବନ୍ଧୁଭଳି ବ୍ୟବହାର କରିବେ । ସୂର୍ଯ୍ୟୋଦୟ ହେଲେ ପୁନର୍ବାର ଯୁଦ୍ଧ ଆରମ୍ଭ ହେବ । ସମକକ୍ଷ ଯୋଦ୍ଧାମାନଙ୍କ ମଧ୍ୟରେ ମୁହାଁମୁହିଁ ଯୁଦ୍ଧ ହେବ । ଘୋଡ଼ସବାର ସାଙ୍ଗରେ

ଘୋଡ଼ସବାର , ରଥୀ ସାଙ୍ଗରେ ରଥୀ , ହାତୀସବାର ସାଙ୍ଗରେ ହାତୀସବାର, ପଦାତିକ ସାଙ୍ଗରେ ପଦାତିକ ଲଢ଼େଇ କରିବେ । ଯେଉଁମାନେ ଯୁଦ୍ଧକ୍ଷେତ୍ର ଛାଡ଼ି ପଳାଇବେ ବା ନିରସ୍ତ୍ର ହୋଇଯିବେ ବା ଆତ୍ମସମର୍ପଣ କରିବେ, ସେମାନଙ୍କୁ ଆକ୍ରମଣ କରାଯିବ ନାହିଁ । ବେସାମରିକ ବ୍ୟକ୍ତି, ବାହକ, ବାର୍ତ୍ତାବହ ଓ ଶଙ୍ଖବାଦନକାରୀ—ଏମାନଙ୍କୁ ଆକ୍ରମଣ କରାଯିବ ନାହିଁ । ସେ ଯୁଗରେ ଯୁଦ୍ଧର ଏଭଳି ନିୟମାବଳୀ ଥିଲା ବୋଲି ଶୁଣିଲେ ଆମକୁ ଆଶ୍ଚର୍ଯ୍ୟ ଲାଗେ ; କାରଣ, ଆଜି-କାଲିର ଯୁଦ୍ଧରେ ଯେ କୌଣସି ଲୋକକୁ ଯେ କୌଣସି ଉପାୟରେ ମାରିଦେବାର ବାହାଦୁରି ନିଆଯାଏ ।

ଯୁଦ୍ଧକ୍ଷେତ୍ରରେ ଦୁଇ ପକ୍ଷର ସେନାବାହିନୀ ଯୁଦ୍ଧପାଇଁ ପ୍ରସ୍ତୁତ ହୋଇ ରହିଥିବାବେଳେ ବେଦବ୍ୟାସ ଧୃତରାଷ୍ଟ୍ରଙ୍କ ନିକଟରେ ପହଞ୍ଚିଲେ । ସେ କହିଲେ, "ମହାରାଜ ! ଆପଣଙ୍କର ଓ ଆପଣଙ୍କ ମିତ୍ରମାନଙ୍କର ପୁତ୍ରସନ୍ତାନମାନେ ମୃତ୍ୟୁକୁ ଅପେକ୍ଷା କରି ରହିଛନ୍ତି । ଯଦି ଦେଖିବାକୁ ଚାହାନ୍ତି, ମୁଁ ଆପଣଙ୍କୁ ଦିବ୍ୟଚକ୍ଷୁ ଦେଇପାରିବି ।"

ଧୃତରାଷ୍ଟ୍ର କହିଲେ, "ମୋର ଜ୍ଞାତିକୁଟୁମ୍ବଙ୍କ ମରିବା ଦେଖିବା ତ ଦୂରର କଥା, ସେ ବିଷୟ ଚିନ୍ତା-ପରିସରମଧ୍ୟକୁ ବି ଆଣିବାକୁ ଚାହୁଁ ନାହିଁ । କିନ୍ତୁ ଯୁଦ୍ଧରେ କ'ଣ କ'ଣ ଘଟୁଛି, ମୁଁ ସେସବୁ ଶୁଣିବାକୁ ଚାହେଁ ।"

ବ୍ୟାସଦେବ କହିଲେ, "ତାହା ହିଁ ହେଉ । ମୁଁ ବର୍ତ୍ତମାନ ସଞ୍ଜୟଙ୍କୁ ଦିବ୍ୟଦୃଷ୍ଟି ଦେଉଛି । ସେ ଆପଣଙ୍କ ପାଖରେ ବସିଥାଇ ମଧ୍ୟ ଯୁଦ୍ଧର ଘଟଣାପ୍ରବାହ ଦେଖିପାରିବ ଓ ଆପଣଙ୍କ ଆଗରେ ବର୍ଣ୍ଣନା କରିବ ।"

ବ୍ୟାସଦେବଙ୍କ ପ୍ରତିଶ୍ରୁତି ଅନ୍ୟଥା ହୁଏ ନାହିଁ । ସଞ୍ଜୟ ଦିବ୍ୟଦୃଷ୍ଟି ପାଇଲେ ଏବଂ ଯୁଦ୍ଧକ୍ଷେତ୍ରରେ ଘଟୁଥିବା ଘଟଣାମାନ

ଧୃତରାଷ୍ଟ୍ରଙ୍କୁ ବର୍ଣ୍ଣନା କରି ଶୁଣାଇଥିଲେ ବୋଲି ଆମେମାନେ ମହାଭାରତର ଗଳ୍ପରୁ ଜାଣୁଛୁ ।

ରାଜପ୍ରାସାଦଭିତରେ ରହି ବହୁ ଦୂର କୁରୁକ୍ଷେତ୍ରରେ ଘଟୁଥିବା ଘଟଣାମାନ ଦେଖିପାରିବା ସମ୍ଭବପର କି ?


ହଁ । ବୈଜ୍ଞାନିକମାନେ ଆଜି ଏହା ସମ୍ଭବ କରାଇପାରିଛନ୍ତି । ଗୁପ୍ତଚର ଉପଗ୍ରହ ପଠାଇ ଯୁକ୍ତରାଷ୍ଟ୍ର-ଆମେରିକା ରୁଷିଆରେ କେଉଁଠି କି କି ପ୍ରକାରର କ୍ଷେପଣାସ୍ତ୍ର ରଖାଯାଉଛି, ତାହା ଜାଣିପାରୁଛି । ଯଦି ଉପଗ୍ରହ ସାମରିକ ଗୋଇନ୍ଦା କାର୍ଯ୍ୟ କରିପାରିଲା, ସାଧାରଣ ଘଟଣାମାନଙ୍କର ଛବି ପଠାଇପାରିବ ନାହିଁ କାହିଁକି ?

ଆମେ ଘରେ ବସି ଦିଲ୍ଲୀରୁ ପଠାହେଉଥିବା ଦୂରଦର୍ଶନ କାର୍ଯ୍ୟକ୍ରମ କିପରି ଦେଖିପାରୁଛୁ ଓ ଶୁଣିପାରୁଛୁ, ତାହା ବୁଝିବା ଦରକାର । ଦିଲ୍ଲୀରେ ହେଉଥିବା କାର୍ଯ୍ୟକ୍ରମକୁ ବିଦ୍ୟୁତ୍‌ଚୁମ୍ବକୀୟ ତରଙ୍ଗରେ ପରିଣତ କରାଯାଏ । ସେହି ତରଙ୍ଗଗୁଡ଼ିକୁ ଉପଗ୍ରହକୁ ପଠାଯାଏ । ଉପଗ୍ରହ ସେସବୁକୁ ପ୍ରତିଫଳନ କରି ଭୂପୃଷ୍ଠକୁ ପଠାଇଦିଏ । ଆମ ଦୂରଦର୍ଶନର ଯନ୍ତ୍ର (ଟେଲିଭିଜନ୍ ସେଟ୍) ତାହା ଧରି ପୁନର୍ବାର ଦୃଶ୍ୟ ଓ ଶ୍ରାବ୍ୟରେ ପରିଣତ କରେ ।

ଆମେ ଜାଣୁ, ଆଲୋକ ସରଳ ରେଖାରେ ଗତି କରେ । ବିଦ୍ୟୁତ୍‌ଚୁମ୍ବକୀୟ ତରଙ୍ଗ ମଧ୍ୟ ଆଲୋକତରଙ୍ଗଭଳି ସରଳ ରେଖାରେ ଗତି କରେ । କିନ୍ତୁ ପୃଥିବୀ ଗୋଟିଏ ପେଣ୍ଡୁଭଳି ଅର୍ଥାତ୍ ଆଖିକୁ ଯେପରି ସମତଳ ଦିଶୁଛି, ତାହା ନୁହେଁ । ମଝିରେ ଥିବା ପେଣ୍ଡୁର ଉଚ୍ଚ ଅଂଶ ଉପରେ ଗଲାପରେ ତରଙ୍ଗ ଆଉ ତଳକୁ ଖସେ ନାହିଁ । ଏହାକୁ ଖସାଇବାଲାଗି ତରଙ୍ଗକୁ ପ୍ରତି-ଫଳିତ କରାଇବାକୁ ପଡ଼େ । ରେଡିଓ ବା ଟେଲିଭିଜନ୍‌ର


ରିଲେଷ୍ଟେସନ୍ (ପୁନଃପ୍ରେରଣ କେନ୍ଦ୍ର) ବିଦ୍ୟୁତ୍ଚୁମ୍ବକୀୟ ତରଙ୍ଗକୁ ପ୍ରତିଫଳିତ କରିଥାଏ । ପ୍ରତିଫଳିତ ତରଙ୍ଗ ବା ରଶ୍ମି ମଧ୍ୟ ସରଳ ରେଖାରେ ଯାଏ, କିନ୍ତୁ ଆଉ ଏକ ଉଚ୍ଚ ସ୍ଥାନରୁ ତଳ-ଆଡ଼କୁ ପ୍ରତିଫଳିତ ହେଉଥିବାରୁ ଆଉ କିଛି ଦୂରକୁ ରେଡିଓ ବା ଟେଲିଭିଜନ୍ କାର୍ଯ୍ୟକ୍ରମ ଯାଇଥାଏ । କଟକ ରେଡିଓ ବା ଟି.ଭି. ଷ୍ଟେସନ୍ର ପରିସର ୭୦ କିଲୋମିଟର କହିବା ଅର୍ଥ ଏହି ଷ୍ଟେସନ୍ରୁ ପଠାହେଉଥିବା ବିଦ୍ୟୁତ୍ଚୁମ୍ବକୀୟ ତରଙ୍ଗ ଭୂପୃଷ୍ଠର ୭୦ କିଲୋମିଟରଠାରୁ ବେଶିଦୂରର ବକ୍ର ଅଂଶକୁ ଯିବ ନାହିଁ; ବରଂ ଆକାଶକୁ ଉଠିଯିବ । ରିଲେଷ୍ଟେସନର ଖମ୍ବର ଉଚ୍ଚତା ଯେତେ ବେଶି ହେବ, ତାହା ଭୂପୃଷ୍ଠର ସେତେ ବେଶି ଅଞ୍ଚଳକୁ ପ୍ରସାରଣ କରାଯାଇପାରିବ । ଯେତେ ଉଚ୍ଚରେ ଉପଗ୍ରହ ରହିଲେ ବି ପେଣ୍ଡୁ ଆକାରର ପୃଥିବୀର ଏକ ତୃତୀୟାଂଶରୁ ବେଶି ଅଞ୍ଚଳକୁ ବିଦ୍ୟୁତ୍ତରଙ୍ଗ ପଠାଇପାରିବ ନାହିଁ । ପୃଥିବୀସାରା ଗୋଟିଏ କାର୍ଯ୍ୟକ୍ରମ ଦେଖିବାକୁ ବା ଶୁଣିବାକୁ ହେଲେ ପୃଥିବୀ ଚାରିପଟ ମହାକାଶରେ ସମାନ ଦୂରତାରେ ତିନିଗୋଟି ଉପଗ୍ରହ ରଖାଯିବା ଦରକାର ।

ଉପଗ୍ରହର ଗତି ନ ଥିଲେ ତା'ର ଅପସାରୀ ବଳ (ଦୂରକୁ ପଳାଇବାର ବଳ ବା ସେଣ୍ଟ୍ରିଫ୍ୟୁଗାଲ୍ ଫୋର୍ସ୍) ରହିବ ନାହିଁ । ପୃଥିବୀଠାରୁ ପଳାଇଯିବାର ବଳ ପୃଥିବୀ ଆଡ଼କୁ ଟାଣୁଥିବା ମାଧ୍ୟାକର୍ଷଣ ବଳସହିତ ସମତା ରକ୍ଷା କଲେ ଉପଗ୍ରହଟି ପୃଥିବୀ ଚାରିପଟେ ଘୂରିବୁଲିବ । ଆମେ ଜାଣୁ, ପୃଥିବୀ ନିଜ 'ଅକ୍ଷ' ଚାରିପଟେ ୨୪ ଘଣ୍ଟାରେ ଥରେ ଘୂରିଥାଏ । ଏହାକୁ ଆମେ ଦିବସ କହୁଁ । ଯଦି ଉପଗ୍ରହଟିକୁ ଏପରି ବେଗ ଦିଆଯିବ ଯେ ତାହା ପୃଥିବୀ ଚାରିପଟେ ଘୂରିବାକୁ ୨୪ ଘଣ୍ଟା ନେବ, ତେବେ ଉପଗ୍ରହଟି ଆକାଶରେ ଗୋଟିଏ ଜାଗାରେ ସ୍ଥିର ଥିବାଭଳି



[ସଞ୍ଜୟଙ୍କ ଦିବ୍ୟଦୃଷ୍ଟି]

ଧୃତରାଷ୍ଟ୍ର ଅନ୍ଧ ଥିଲେ । ତାଙ୍କୁ ମହାଭାରତର ଘଟଣାମାନ ବୁଝାଇବା ଲାଗି ସଞ୍ଜୟଙ୍କୁ ଦିବ୍ୟଦୃଷ୍ଟି ମିଳିଥିଲା । ସେ ଦୂରରେ ଥିବା ଜିନିଷମାନ ଦେଖି ପାରୁଥିଲେ । ପୃଥିବୀର ଆକାର ପେଣ୍ଡୁ ଭଳି ଗୋଲାକାର । ଦୂରରେ ଥିବା ଯେ କୌଣସି ଦୁଇଟି ଜାଗା ମଝିରେ ଉଚ୍ଚ ଦିଗ୍‌ବଳୟ ରହିଯିବ । ଦିଗ୍‌ବଳୟ ପର ପାଖରେ ଥିବା ଜିନିଷ ଆଖିକୁ ଦେଖାଯିବ ନାହିଁ । ପୃଥିବୀପୃଷ୍ଠରୁ ଉଚ୍ଚକୁ ଉଠିଲେ ଦିଗ୍‌ବଳୟ ଘୁଞ୍ଚିଯିବ । ଉଚ୍ଚ ଜାଗାରେ ଥିବା ଲୋକ ଗୋଟିଏ ଆଡ଼ର ଘଟଣାମାନ ଦେଖି ଅନ୍ୟ ଆଡ଼ର ଲୋକଙ୍କୁ କହିପାରିବ କିମ୍ବା ବ୍ୟାସଦେବ ସଞ୍ଜୟଙ୍କୁ ଯେଉଁ ଦିବ୍ୟଦୃଷ୍ଟି ଦେଲେ ତାହା ଏହିଭଳି ଗୋଟିଏ ଖୁବ୍ ଉଚ୍ଚ ସ୍ଥାନରୁ କୁରୁକ୍ଷେତ୍ରରେ ଯୁଦ୍ଧ ଘଟଣା ଲକ୍ଷ୍ୟ କରି ସଞ୍ଜୟଙ୍କୁ କହିପାରୁଥିବା ରିଲେ କରୁଥିବା ଶକ୍ତି ।



[ସୁଦୂର ସନ୍ଧାନୀ ଉପଗ୍ରହ]

ପୃଥିବୀର ଆକାର ପେଣ୍ଡୁ ଭଳି ହୋଇଥିବାରୁ ଦିଗ୍‌ବଳୟ ଦେଖାଯାଏ । ଦିଗ୍‌ବଳୟ ଆମ ଦୃଷ୍ଟିର ସୀମା । ତାହାକୁ ଅତିକ୍ରମ କରିବା ଲାଗି ଆମକୁ ଉଚ୍ଚରୁ ଉଚ୍ଚତର ଖମ୍ବ ଉପରକୁ ଉଠିବାକୁ ପଡ଼ିବ । ଖମ୍ବର ଉଚ୍ଚତା ବଢ଼ିବାର ଗୋଟିଏ ସୀମା ଅଛି । ବେଶି ଉଚ୍ଚ ହେଲେ ତାହା ଭାଙ୍ଗି ପଡ଼ିବ ବା ନଇଁଯିବ । ଯଦି ଆକାଶରେ ଆମ ଅବସ୍ଥାନକୁ ଲକ୍ଷ୍ୟ ରଖି ଗୋଟିଏ ଉପଗ୍ରହ ଛଡ଼ା ଯାଇପାରେ ଏବଂ ତାହାର ଗତିବେଗ ପୃଥିବୀର ଆବର୍ତ୍ତନସହିତ ସମତା ରକ୍ଷା କରିପାରେ, ତେବେ ଉପଗ୍ରହଟି ଆକାଶରେ ଗୋଟିଏ ଜାଗାରେ ଥିବାର ଦେଖାଯିବ, ଅର୍ଥାତ୍ ଖୁବ୍ ଉଚ୍ଚ ଖମ୍ବ ଭଳି କାମ କରିବ । ତହିଁରେ ଟେଲିଭିଜନ କ୍ୟାମେରା ଥିଲେ ଗୋଟିଏ ଜାଗାରୁ ଛବି ଉଠାଇ ଆଉ ଗୋଟିଏ ଜାଗାକୁ ପଠାଯାଇପାରିବ । ଉପଗ୍ରହଟି ପଠାଉଥିବା ଛବିକୁ ଧରିବା ଲାଗି ଆମ ପାଖରେ ଟେଲିଭିଜନ ସେଟ୍ ଥିବା ଦରକାର । ବ୍ୟାସଦେବ ସଞ୍ଜୟଙ୍କୁ ଯେଉଁ ଐଶ୍ୱରିକ ଶକ୍ତି ଦେଇଥିଲେ ତାହା ଏହିଭଳି ଏକ ସୁଦୂର ସନ୍ଧାନୀ ଉପଗ୍ରହ ଓ ଟେଲିଭିଜନ ସେଟ୍‌ର ସମ୍ମିଶ୍ରଣ ଭଳି କାମ କରିଥିବ ।

ଜଣାଯିବ ; ଏହାକୁ ଜିଓଷ୍ଟେସନାରୀ (ପୃଥିବୀକୁ ଚାହିଁ ସ୍ଥିର ଥିବା) ଅବସ୍ଥା କୁହାଯାଏ । ଜିଓଷ୍ଟେସନାରୀ ଉପଗ୍ରହ ଜରିଆରେ ବେତାର ବା ଦୂରଦର୍ଶନ କାର୍ଯ୍ୟକ୍ରମ ପଠାଇବା ସୁବିଧାଜନକ ; କାରଣ, ଏହା ଗୋଟିଏ ସ୍ଥିର ଖମ୍ବଭଳି କାମ କରେ ।

ଉପଗ୍ରହକୁ ରିଲେଷ୍ଟେସନ୍ ନ କରି ମୂଳଷ୍ଟେସନ୍ କଲେ ତାହା କାମେରାରେ ଫଟୋ ଉଠାଇ ଭୂପୃଷ୍ଠକୁ ପଠାଇବ । ଭୂପୃଷ୍ଠର ଏକ-ତୃତୀୟାଂଶର ଦୃଶ୍ୟ ଓ ଘଟଣାବଳୀ ଗୋଟିଏ ସ୍ଥାନରେ ବସି ଦେଖିହେବ । ଉପଗ୍ରହଟି ଖୁବ୍ ଦୂରରେ ଥିବାରୁ ଦୃଶ୍ୟର ସ୍ପଷ୍ଟତା ଉପଗ୍ରହରେ ଖଞ୍ଜାହୋଇଥିବା କାମେରାର ଶକ୍ତି ଉପରେ ନିର୍ଭର କରେ । ଭୂପୃଷ୍ଠରେ ଥିବା ଅତି କମ୍‌ରେ କେତେ ବଡ଼ ଜିନିଷକୁ ଚିହ୍ନଟ କରିପାରିବ, ତାହା ହିଁ କାମେରାର ଶକ୍ତି । ଇଂରେଜୀରେ ଏହାକୁ ରିଜୋଲ୍ୟୁସନ୍ (resolution) କୁହାଯାଏ ।

ରୁଷିଆ, ଆମେରିକା ଭଳି ଆମ ଦେଶ ମଧ୍ୟ ଏହି ପ୍ରକାର ଗୋଟିଏ ଉପଗ୍ରହ ୧୯୮୮ ଅପ୍ରେଲ ମାସରେ ଛାଡ଼ିଛି । ଏହି ଉପଗ୍ରହଟିର ନାମ IRS-1A ('ଇଣ୍ଡିଆନ୍ ରିମୋଟ୍ ସେନ୍‌ସିଙ୍ଗ୍ ସେଟେଲାଇଟ୍-ଓ୍ୱାନ୍ ଏ' ବା 'ଭାରତୀୟ ସୁଦୂରସନ୍ଧାନୀ ଉପଗ୍ରହ -୧କ') । ଏହା ୨୨ ଦିନରେ ଥରେ ପୃଥିବୀ ଚାରିପଟେ ଘୂରି-ଆସୁଛି । ଅନ୍ୟ ଦେଶ ଉପରେ ଗୋଇନ୍ଦାଗିରି କରିବା ଏହାର ଉଦ୍ଦେଶ୍ୟ ନୁହେଁ । ଏହାର ଉଦ୍ଦେଶ୍ୟ ଆମ ଦେଶର ଭୂସମ୍ପଦ, ଜଳସମ୍ପଦ, ଭୂତଳ ଜଳ, ଖଣିଜପଦାର୍ଥର ସ୍ଥିତି, ଫସଲ ଅବସ୍ଥା ଓ ଜଳପ୍ରବାହ ଆଦି ଦେଖି ଆଲୋକଚିତ୍ର ଜରିଆରେ ବୈଜ୍ଞାନିକ-ମାନଙ୍କୁ ଜଣାଇଦେବ । ଭାରତର ଯେ କୌଣସି ଅଞ୍ଚଳର ଚିତ୍ର ୨୨ ଦିନ ବ୍ୟବଧାନରେ ଉଠାଇ ଭୂପୃଷ୍ଠକୁ ଜଣାଇବାର କ୍ଷମତା ଏହାର ଅଛି । ଏହାର କାମେରା ଯେଉଁ ଫଟୋ ଉଠାଉଛି, ତାହା ଗୋଟିଏ ଟେନିସ୍ ଖେଳପଡ଼ିଆର ଦୁଇ ଗୁଣ ପରିମିତ ଆୟତନର

ଭୂଖଣ୍ଡକୁ ବା ସେହି ଆକାରର ଜିନିଷକୁ ସ୍ପଷ୍ଟଭାବେ ଚିହ୍ନଟ କରିପାରିବ । ଏହା ହିଁ ଏହାର ରିଜୋଲ୍ୟୁସନ୍ । ଅର୍ଥାତ୍ ମଣିଷ ବା ସେହିଭଳି ଛୋଟ ଜୀବଜନ୍ତୁର ଛବି ଏହି ଉପଗ୍ରହର କାମେରାରେ ସ୍ପଷ୍ଟ ଚିହ୍ନି ହେବ ନାହିଁ । ଆମେରିକା ଯୁକ୍ତରାଷ୍ଟ୍ରର ଗୋଇନ୍ଦା ଉପଗ୍ରହ ରୁଷିଆର ସାମରିକ ଟ୍ରକ୍ ଓ କ୍ଷେପଣାସ୍ତ୍ରର ଚିତ୍ର ଉଠାଇ-ପାରୁଛି । ତାହା ମଧ୍ୟ ଗୋଟି ଗୋଟି ମଣିଷ ଚିହ୍ନିବାଭଳି ଛବି ଉଠାଇବାକୁ ସମର୍ଥ ହୋଇ ନାହିଁ ।

ବ୍ୟାସଦେବ ବୋଧ ହୁଏ ସଞ୍ଜୟଙ୍କୁ ଏହିପ୍ରକାର ଗୋଟିଏ ସୁଦୂରସନ୍ଧାନୀ ଉପଗ୍ରହ ଯୋଗାଇଦେଇଥିଲେ । ତା'ର କାମେରା ଗୋଟି ଗୋଟି ମଣିଷର ଚିତ୍ର ସ୍ପଷ୍ଟଭାବରେ ଉଠାଇପାରୁଥିଲା । ଏହାର ଏକମାତ୍ର ରିସିଭର୍ (ଗ୍ରାହକ ଯନ୍ତ୍ର ବା ଟେଲିଭିଜନ୍ ସେଟ୍) ସଞ୍ଜୟଙ୍କ ପାଖରେ ଥିଲା । ଏହା ମହାଭାରତ ଯୁଗରେ ସମ୍ଭବପର ଥିଲା କି ମହାଭାରତ-ରଚୟିତା ବ୍ୟାସଦେବଙ୍କ କଳ୍ପନା, ତାହା ତର୍କ-ବିତର୍କର ବିଷୟ ହୋଇପାରେ । କିନ୍ତୁ ବିଂଶଶତାବ୍ଦୀର ଶେଷ ଭାଗରେ ମାର୍କିନ୍ ଦେଶଭଳି ଉନ୍ନତ ଦେଶ ତିଆରି-କରିଥିବା ସୁଦୂରସନ୍ଧାନୀ ଉପଗ୍ରହ ଯେତେବେଳେ ଗୋଟିଏ ମିଟର୍‌ରୁ କମ୍ ପରିମିତ ଜିନିଷକୁ ସ୍ପଷ୍ଟ କରି ଚିହ୍ନଟ କରିପାରୁ ନାହିଁ, ଯୁଦ୍ଧକ୍ଷେତ୍ରରେ ପ୍ରତି ମଣିଷକୁ ଚିହ୍ନିବାର ସୁଦୂରସନ୍ଧାନୀ କ୍ଷମତା (remote sensing ability) ମଣିଷ ଯେ ପାଇପାରେ ଏହା ସାଢ଼େ ତିନି ହଜାର ବର୍ଷ ତଳେ ମହାଭାରତର ରଚୟିତା କଳ୍ପନା କରିପାରିଥିଲେ—ଏ କଥା ଭାବିଲେ ଆଶ୍ଚର୍ଯ୍ୟ ଲାଗେ ।

# ବେଲ୍ଲାଳସେନ ଉପାଖ୍ୟାନ ଓ ଚିହ୍ନଟକାରୀ କ୍ଷେପଣାସ୍ତ୍ର

ସାରଳା ମହାଭାରତରେ ବେଲ୍ଲାଳସେନ କାହାଣୀ ସାରଳା-ଦାସଙ୍କ ନିଜସ୍ୱ ବୋଲି ସମାଲୋଚକମାନେ କହନ୍ତି ।

ଦୁର୍ଯ୍ୟୋଧନର ମନ୍ତ୍ରଣାରେ ଭୀମସେନଙ୍କୁ ବିଷାକ୍ତ ଖାଦ୍ୟ ଖୁଆଇ ବେହୋସ୍ କରିଦିଆଗଲା ଏବଂ ବେହୋସ୍ ଭୀମସେନଙ୍କୁ ନଦୀରେ ଭସାଇଦିଆଗଲା । ନାଗରାଜାଙ୍କ ସୈନ୍ୟମାନେ ତାଙ୍କୁ ଦଂଶନ କଲାବେଳେ ସେ ବଞ୍ଚିଉଠିଲେ ; କାରଣ, ବିଷ ହିଁ ବିଷକୁ ନଷ୍ଟ କରିଦେଲା । ନାଗରାଜାଙ୍କ କନ୍ୟା ବେଲାବଳୀ ଭୀମସେନଙ୍କ ପ୍ରତି ଆକୃଷ୍ଟ ହୋଇ ତାଙ୍କୁ ବିବାହ କଲେ ।

ବିଦାୟ ନେଲାବେଳେ ଭୀମସେନ ବେଲାବଳୀଙ୍କୁ କହିଥିଲେ, ଯଦି ତାଙ୍କର ପୁତ୍ର ସନ୍ତାନ ହୁଏ, ତେବେ ସେମାନଙ୍କ ଦୁହିଁଙ୍କ ନାମ ମିଶାଇ ତା'ର ନାମକରଣ କରାଯିବ । ବେଲାବଳୀଙ୍କ ଗର୍ଭରୁ ଭୀମସେନଙ୍କ ଔରସରୁ ଜାତ ପୁତ୍ରର ନାମ ହେଲା ବେଲ୍ଲାଳସେନ । ଭୀମଙ୍କ ଅନ୍ୟ ନାମ ମହାବଳୀ ଥିବାରୁ ବେଲ୍ଲାଳସେନର ଅନ୍ୟ ନାମ ବଳୀବେଲ୍ଲାଳ ବୋଲି ସାରଳା ମହାଭାରତରେ ଉଲ୍ଲେଖ ଅଛି ।

ବେଲ୍ଲଳସେନ ଧନୁର୍ବିଦ୍ୟାରେ ଖୁବ୍ ବିଚକ୍ଷଣ ଓ ଧୁରୀଣି ଥିଲା । ମହାଭାରତ ଯୁଦ୍ଧ ଆରମ୍ଭ ହେବାପୂର୍ବରୁ ଯେତେବେଳେ ଉଭୟ ପାଣ୍ଡବ ଓ କୌରବ ପକ୍ଷଙ୍କ ସୈନ୍ୟ କଳନା କରାଯାଉଥିଲା, ସେତେବେଳେ ପାଣ୍ଡବମାନେ ଦେଖିଲେ ଯେ କୌରବ ସେନା ତୁଳନାରେ ସେମାନଙ୍କ ସୈନ୍ୟ କମ୍ । ନିଜର ମିତ୍ର ଓ ଜ୍ଞାତିମାନଙ୍କୁ ନିଜ ନିଜ ପକ୍ଷରୁ ଲଢ଼ିବାପାଇଁ ଉଭୟ ପାଣ୍ଡବ ଓ କୌରବମାନେ ନିମନ୍ତ୍ରଣ କରିଥିଲେ । ଏହି ସମୟରେ ଭୀମସେନ ତାଙ୍କ ପୁତ୍ର ବେଲ୍ଲଳସେନ କଥା ମନେ ପକାଇଲେ । ତନ୍ତ୍ରା କଳ୍କଷଣି ବେଲ୍ଲଳସେନ ଆସି ପହଞ୍ଚିଗଲା ।

ଶ୍ରୀକୃଷ୍ଣଙ୍କ ଉପସ୍ଥିତିରେ ଆଲୋଚନାବେଳେ ସେ କହିଲା, ନିମିଷକମଧ୍ୟରେ ସେ କୌରବମାନଙ୍କୁ ମାରିଦେଇପାରିବ । ଶ୍ରୀକୃଷ୍ଣ ତାକୁ ପରୀକ୍ଷା କରିବାପାଇଁ ପଚାରିଲେ, "ତୁ ତ ଶତ୍ରୁ-ମିତ୍ର କାହାରିକୁ ଚିହ୍ନି ନାହୁଁ, କପରି କୌରବଙ୍କୁ ହତ୍ୟା କରିପାରିବୁ ?"


ଏହା ଶୁଣି ବେଲ୍ଲଳସେନ ସଙ୍ଗେ ସଙ୍ଗେ ଧନୁ ଧରି ମନ୍ତ୍ର କରି ତୀରଟିଏ ଛାଡ଼ିଦେଲା । ତୀରଟି ଶ୍ରୀକୃଷ୍ଣଙ୍କ ପାଦ ଛୁଇଁ ତା' ପରେ ପ୍ରତ୍ୟେକ ପାଣ୍ଡବଙ୍କ ଲଲାଟରେ ସିନ୍ଦୂର ଟିପା ମାରି ଫେରିଆସିଲା ।

ଏହା ଦେଖି ବେଲ୍ଲଳସେନର ସାମର୍ଥ୍ୟ ଉପରେ ଶ୍ରୀକୃଷ୍ଣଙ୍କର ସନ୍ଦେହ ରହିଲା ନାହିଁ । ସେ ଭାବିଲେ, ଯଦି ବେଲ୍ଲଳସେନକୁ ଯୁଦ୍ଧ କରିବାପାଇଁ ଛାଡ଼ିଦିଆଯାଏ, ତେବେ ସେ ନିମିଷକମଧ୍ୟରେ ସମସ୍ତ ଶତ୍ରୁଙ୍କୁ ବିନାଶ କରିଦେବ । ମୁହାଁମୁହିଁ ଯୁଦ୍ଧ ନ କରି ଶତ୍ରୁ ବିନାଶ କରିବା କ୍ଷତ୍ରିୟର ଧର୍ମ ନୁହେଁ । ପୁଣି ନିମିଷକମଧ୍ୟରେ ଯୁଦ୍ଧ ଶେଷ ହୋଇଗଲେ ଯୁଦ୍ଧର ବହୁ ରହସ୍ୟ ଲୁଚି ରହିଯିବ । ଧର୍ମ-ଅଧର୍ମମଧ୍ୟରେ ହେଉଥିବା ଯୁଦ୍ଧରେ ତାଙ୍କର ଭୂମିକା ଅବୁଝା ରହିଯିବ ।



[ବେଲ୍ଲଳସେନର ତୀର ଶ୍ରୀକୃଷ୍ଣଙ୍କ ପାଦକୁ ଛୁଉଁଛି]

ପାଣ୍ଡବ ଓ କୌରବମାନଙ୍କୁ ଚିହ୍ନି ନଥିବା କୌଣସି ବ୍ୟକ୍ତି ଯଦି ଯୁଦ୍ଧରେ ଝାସଦିଏ, ତାହାର ସାମରିକ କ୍ଷମତା ବିଷୟରେ ପରିଚୟ ପାଇବା ପୂର୍ବରୁ, ଅନ୍ତତଃ ସେ କୌରବ ଓ ପାଣ୍ଡବ ସୈନ୍ୟମାନଙ୍କ ମଧ୍ୟରେ କିପରି ପାର୍ଥକ୍ୟ ଅଛି ତାହା ଚିହ୍ନିପାରିବ କି ନାହିଁ ଜାଣିବାଲାଗି ଶ୍ରୀକୃଷ୍ଣ ବେଲ୍ଲଳ-ସେନଙ୍କଠାରୁ ପ୍ରମାଣ ଗ୍ରହିଁଲେ । ବେଲ୍ଲଳସେନର ଅତି ଉନ୍ନତ ତୀର ପ୍ରଥମେ ଶ୍ରୀକୃଷ୍ଣଙ୍କ ପାଦ ଛୁଇଁ ତାପରେ ପ୍ରତ୍ୟେକ ପାଣ୍ଡବ ଓ ପାଣ୍ଡବସେନାଙ୍କ ମଥାରେ ସିନ୍ଦୁରଟୋପା ମାରି ଫେରିଆସିଥିଲା ।



(ଆଧୁନିକ ବିଜ୍ଞାନର ଲକ୍ଷ୍ୟଭେଦୀ ଅସ୍ତ୍ର)

ଅଦୃଶ୍ୟ ଲକ୍ଷ୍ୟକୁ ଭେଦ କରିବାପାଇଁ ଲକ୍ଷ୍ୟର କେତେଗୁଡ଼ିଏ ଗୁଣକୁ ବାରିବା ଭଳି ଅସ୍ତ୍ର ଦରକାର । ତାପ, ରଙ୍ଗ, ଶବ୍ଦ ବା ଲକ୍ଷ୍ୟ ତିଆରି ହୋଇଥିବା ବସ୍ତୁର ଧର୍ମ ଜାଣି ତାକୁ ଚିହ୍ନଟ କରିପାରିବା ଭଳି ସୂକ୍ଷ୍ମ କମ୍ପ୍ୟୁଟର ଏ କାମ କରିପାରେ । ଏଭଳି କମ୍ପ୍ୟୁଟର ଯୋଗୁଁ ଉପଗ୍ରହକୁ ଲକ୍ଷ୍ୟପଥରେ ପଠାଇ ହେଉଛି । ଏକ ସୂକ୍ଷ୍ମ ଗ୍ରାହକ (ଆଣ୍ଟେନା ବା ରିସେପ୍ଟର) ଖଞ୍ଜି ଦୂରରେ ଥିବା ବସ୍ତୁର ତାପ, ରଙ୍ଗ, ବେଗ, ଶବ୍ଦ ଆଦିକୁ ବାରି ହେବ ଏବଂ ପାଠ ଅନୁଯାୟୀ ଯଦି ଗୁଣଗୁଡ଼ିକ ଖାପ ଖାଇଲା, ତେବେ ତାହା ହିଁ ଲକ୍ଷ୍ୟ ଭବି ତୀରଟି ଆଗେଇବ । (ପାଣ୍ଡବମାନଙ୍କର ସେହିପରି କିଛି ଗୋଟିଏ ଗନ୍ଧ ବା ହାବଭାବ ଚିହ୍ନିବା ଭଳି ସୂକ୍ଷ୍ମ ଯନ୍ତ୍ର ବେଲାଳସେନର ତୀର ଅଗରେ ନିଶ୍ଚୟ ଥିବ ।

ଅନ୍ୟ ପକ୍ଷରେ ଯଦି ସେ ବେଲ୍ଲାଳସେନକୁ ସେହିଭଳି ଛାଡ଼ିଦିଅନ୍ତି, ତେବେ ପାଣ୍ଡବମାନଙ୍କ ଅନୁରୋଧରେ କେବେ-ନା-କେବେ ସେ ଯୁଦ୍ଧ କରିପାରେ । ସେତେବେଳେ ମଧ୍ୟ ଯୁଦ୍ଧ ନିମିଷକମଧ୍ୟରେ ସରିଯିବ । ତେଣୁ ଶ୍ରୀକୃଷ୍ଣ କପଟ କରି ବେଲ୍ଲାଳସେନକୁ ସତ୍ୟ କରାଇ ଦାନଟିଏ ମାଗିଲେ । ସତ୍ୟ କରି ଦାନ ଦେବାକୁ ବେଲ୍ଲାଳସେନ ରାଜିହେବାରୁ ଶ୍ରୀକୃଷ୍ଣ ତା'ର ମସ୍ତକ ମାଗିଲେ । ବେଲ୍ଲାଳସେନ ସତ୍ୟ ରକ୍ଷା କଲା ; କିନ୍ତୁ ତା'ପୂର୍ବରୁ ଶ୍ରୀକୃଷ୍ଣଙ୍କୁ ପ୍ରାର୍ଥନା କଲା ସେ ଯେପରି ପୂରା ମହାଭାରତ-ଯୁଦ୍ଧ ଦେଖିବାକୁ ସମର୍ଥ ହୁଏ ।

ଶ୍ରୀକୃଷ୍ଣ ଛିନ୍ନମସ୍ତକକୁ ଦିବ୍ୟ ଜୀବନ ଦାନ କରିଥିଲେ ଓ ତାହା ଯେପରି ମହାଭାରତ-ଯୁଦ୍ଧ ଅଠର ଦିନଯାଏ ଦେଖିପାରିବ, ସେଥିଲାଗି ଗୋଟିଏ ଉଚ୍ଚ ସ୍ତମ୍ଭ ଉପରେ ତାକୁ ସ୍ଥାପନ କରିଥିଲେ । ଏହି ସ୍ତମ୍ଭଟି ହୋଇଥିଲା ମହାଭାରତ-ଯୁଦ୍ଧର ଶୁଭସ୍ତମ୍ଭ ।

ବେଲ୍ଲାଳସେନ ଉପାଖ୍ୟାନରେ ସବୁଠାରୁ ବଡ଼ କଥା ହେଉଛି ଯେ ତା'ର ତୀର ଶତ୍ରୁ ଓ ମିତ୍ରମଧ୍ୟରେ ପ୍ରଭେଦ ଜାଣି-ପାରୁଥିଲା । ତେଣୁ ମୁହାଁମୁହିଁ ନ ହୋଇ ମଧ୍ୟ ଦୂରରୁ ତୀର ନିକ୍ଷେପ କରି ତା'ପକ୍ଷରେ ଶତ୍ରୁ ବିନାଶ କରିବା ସମ୍ଭବପର ଥିଲା ।

ବୈଜ୍ଞାନିକ ଦୃଷ୍ଟିରୁ ସାରଳାଦାସଙ୍କ ଏ କଳ୍ପନାରେ କିଛି ସତ୍ୟ ଅଛି କି ନା, ତାହା ଆମର ଦେଖିବା କଥା । ରୁଷିଆର ଅଗ୍ନିନିକ ଆକ୍ରମଣର ମୁକାବିଲା କରିବାପାଇଁ ଆଜିକାଲି ଯୁକ୍ତରାଷ୍ଟ୍ର ଆମେରିକା ତାରକା ଯୁଦ୍ଧର ଅବତାରଣା କରିଛି । ଶତ୍ରୁ ପକ୍ଷର ଅସ୍ତ୍ରକୁ ଚିହ୍ନି ତାକୁ ନଷ୍ଟ କରିଦେବା ଏ ପ୍ରକାର ଯୁଦ୍ଧ-ଆୟୋଜନର ଗୋଟିଏ ଲକ୍ଷ୍ୟ । ଶତ୍ରୁର ଅସ୍ତ୍ରକୁ ଉତ୍ପତ୍ତିସ୍ଥାନରେ ବା ଗତିପଥରେ ନଷ୍ଟ କରିଦେବାର ଉପାୟ ବାହାରିଛି । ଯଦି ନିଜ ସୀମାଭିତରୁ ଅସ୍ତ୍ର କ୍ଷେପଣ ନ କରି ଆନ୍ତର୍ଜାତିକ ଅଞ୍ଚଳ, ଯଥା

ମହାସମୁଦ୍ରରୁ କ୍ଷେପଣାସ୍ତ୍ର ଛୋଡ଼ାଯାଏ, ତାକୁ ଶତ୍ରୁର ଅସ୍ତ୍ର ବୋଲି ଚିହ୍ନିବାପାଇଁ ବିଶେଷ କୌଶଳ ଦରକାର । ଭିନ୍ନ ଭିନ୍ନ କ୍ଷେପଣାସ୍ତ୍ରରେ ଶତ୍ରୁପକ୍ଷ କି ପ୍ରକାର ଜାଳେଣି ବ୍ୟବହାର କରେ, ତାହା ଭଲ-ଭାବରେ ଜଣା । ଉକ୍ତ ଜାଳେଣି କି ପ୍ରକାର ତାପ ଓ ଅଗ୍ନିଶିଖା ନିର୍ଗମନ କରାଏ, ତାହାର ପାଠ କମ୍ପ୍ୟୁଟର୍‌କୁ ଯୋଗାଇ-ଦେଇହେବ । ନିଜର କ୍ଷେପଣାସ୍ତ୍ରରେ ଏହି କମ୍ପ୍ୟୁଟର୍ ଯୋଖା ହୋଇଥିଲେ ତାହା ଶତ୍ରୁର ଅସ୍ତ୍ରକୁ ଚିହ୍ନଟ କରି ଧ୍ୱଂସ କରିଦେଇ-ପାରିବ । କୌଣସି ଅସ୍ତ୍ରକୁ ଚିହ୍ନଟ କରିବାର ଉପାୟ ହେଉଛି ତାହାରୁ ସୃଷ୍ଟି ହେଉଥିବା ତାପ, ଶବ୍ଦ ଓ ଅସ୍ତ୍ରଟି ଆସୁଥିବାର ଦିଗ ଜାଣିବା । କମ୍ପ୍ୟୁଟର୍‌କୁ ଦିଆହୋଇଥିବା ପାଠ ଅନୁଯାୟୀ ଏଗୁଡ଼ିକୁ ନିଜ ପକ୍ଷ କ୍ଷେପଣାସ୍ତ୍ର ହିଁ ଚିହ୍ନିପାରିବ । ଏହି ଚିହ୍ନଟକାରୀ ବା ଲକ୍ଷ୍ୟଭେଦୀ ଅସ୍ତ୍ରକୁ ହୋମିଙ୍ଗ୍ ଡିଭାଇସ୍ (homing device) କୁହାଯାଏ । ଏହାର ସଫଳତାର ଗୋଟିଏ ସୀମା ଅଛି । ଶତ୍ରୁପକ୍ଷକୁ ଚିହ୍ନଟ ବା ତା'ର ଲକ୍ଷ୍ୟକୁ ଭ୍ରଷ୍ଟ କରିବାପାଇଁ ତା'ର କ୍ଷେପଣାସ୍ତ୍ରରେ ଠକ ଅସ୍ତ୍ର ଯୋଖିବ, ଯଥା—ଅଧିକ ତାପ ସୃଷ୍ଟି କରୁଥିବା ଆଉ ଗୋଟିଏ ଯନ୍ତ୍ର ତା' ସାଙ୍ଗରେ ଛାଡ଼ିବ କିମ୍ବା ଅଧିକ ଶବ୍ଦ କରୁଥିବା ଗୋଟିଏ-ଦୁଇଟି ମୋଟର କ୍ଷେପଣାସ୍ତ୍ରର ଆଗ-ପଛ ବା ବାଁ-ଡାହାଣ କରି ଛାଡ଼ିବ । କିନ୍ତୁ ଦିଗ ସମ୍ବନ୍ଧରେ ସନ୍ଦେହ ସୃଷ୍ଟି କରିବାପାଇଁ ଏକାଧିକ ଦିଗରେ ବୋମା ଫୋପାଡ଼ିପାରୁଥିବା କ୍ଷେପଣାସ୍ତ୍ର (MIRV—Mulitple targetted Independent Reentry Vehicle) ଛାଡ଼ିବ । ଫଳରେ ଗୋଟିଏ-ଦୁଇଟିକୁ ନଷ୍ଟ କରାଗଲେ ମଧ୍ୟ ଅନ୍ୟଗୁଡ଼ିକ ଲକ୍ଷ୍ୟସ୍ଥଳରେ ପଡ଼ିବ । ଅସଲ ବୋମା ସାଙ୍ଗରେ ଗୁଡ଼ାଏ ବେଲୁନ୍ ବା ମିଛ ବୋମା ଛାଡ଼ିବ । ମିଛ ବୋମାକୁ ଧ୍ୱଂସ କରିବାଲାଗି ଗୁଡ଼ାଏ ଭଲ କ୍ଷେପଣାସ୍ତ୍ର ନଷ୍ଟ ହୋଇଯିବ ।

୨୭-ବେଲୁନସେନ ଉପାଖ୍ୟାନ ଓ ଚିହ୍ନଟକାରୀ କ୍ଷେପଣାସ୍ତ୍ର

ଆଜିକାଲି ବିଜ୍ଞାନ ସ୍ଥାନ ବା ଅସ୍ତ୍ର ଚିହ୍ନଟ କରିବା ବ୍ୟତୀତ ଅଧିକା ଆଗେଇ ନାହିଁ । ସ୍ଥିର ଥିବା ଜନପଦ ବା ସୈନ୍ୟ-ଶିବିରକୁ ଲକ୍ଷ୍ୟ କରି ବୋମା ପକାଇବେ । ମାତ୍ର ବିଭିନ୍ନ ସ୍ଥାନରେ ଥିବା ବା ଚଳବୁଲ କରୁଥିବା ଶତ୍ରୁପକ୍ଷର ସବୁ ମଣିଷଙ୍କୁ ଗୋଟି ଗୋଟି କରି ଚିହ୍ନଟ କରିବାର କୌଶଳ ଏପର୍ଯ୍ୟନ୍ତ ବାହାରି ନାହିଁ । ଗୋଟିଏ ଅସ୍ତ୍ରଦ୍ୱାରା ସବୁ ଶତ୍ରୁଙ୍କୁ ମାରିବା ତ ଦୂରର କଥା । ଯଦି ଆମେରିକା ଏପରି ଏକ ଅସ୍ତ୍ର ଉଦ୍ଭାବନ କରନ୍ତା, ଯାହା ପ୍ରତ୍ୟେକ ରୁଷୀୟ ସୈନ୍ୟଙ୍କୁ ଚିହ୍ନିପାରନ୍ତା ଓ ତାଙ୍କୁ ଖୋଜି ଖୋଜି ବିନାଶ କରିପାରନ୍ତା, ତେବେ ତାହା ବେଲାଲସେନର ତୀରଭଳି କାମ କରନ୍ତା । ଏହା ଏପର୍ଯ୍ୟନ୍ତ ସମ୍ଭବପର ହୋଇପାରିନାହିଁ । ରୁଷିଆ ମଧ୍ୟ ତଦ୍ରୂପ ଅସ୍ତ୍ର ତିଆରି କରିପାରି ନାହିଁ ।

ପ୍ରତି ମଣିଷକୁ ନ ଚିହ୍ନି ଶତ୍ରୁପକ୍ଷର ସୈନ୍ୟଙ୍କୁ ମୂଳପୋଛ କରିବାର ଗୋଟିଏ ଉପାୟ ହେଉଛି ବିଷାକ୍ତ ବାଷ୍ପର ଯୁଦ୍ଧ ବା ପରମାଣୁ-ବୋମାନିକ୍ଷେପ । ଏହାଦ୍ୱାରା ଏକଜୁଟ ହୋଇଥିବା ଶତ୍ରୁପକ୍ଷର ସମସ୍ତ ସୈନ୍ୟଙ୍କୁ ଏକ ସଙ୍ଗରେ ବିନାଶ କରାଯାଇ-ପାରେ । ଏଥିରେ ନିରୀହ ଲୋକେ ବି ମରିବେ । ପରମାଣୁ ବୋମାରେ ଅସହ୍ୟ ତାପ ମିଳେ ଓ ବିଷାକ୍ତ ବାଷ୍ପରେ ଶ୍ୱାସରୁଦ୍ଧ ହୋଇଯାଏ । ତେଣୁ ଏହାକୁ ଡାର୍ଟି (dirty) ବା ଅସଭ୍ୟ ଅସ୍ତ୍ର କୁହାଯାଏ । ତାପ ବାହାରିବା ବା ଶ୍ୱାସରୁଦ୍ଧ ହେବା କଥା ସାରଳାଦାସ ବର୍ଣ୍ଣନା କରି ନାହାନ୍ତି । ବେଲାଲସେନର ତୀରର କୌଣସି କୁପ୍ରଭାବ ଅନ୍ୟ ଉପରେ ପଡ଼ୁନାହିଁ, କେବଳ ଶତ୍ରୁ ହିଁ ନାଶ ହେଉଛି । ଏ ପ୍ରକାର ଅସ୍ତ୍ରକୁ କ୍ଲିନ୍ (clean) ବା ସଭ୍ୟ ଅସ୍ତ୍ର କୁହାଯାଏ । ଉଦ୍‌ଜାନ ବୋମା ଏହି ଶ୍ରେଣୀର ।

ଇଂଲଣ୍ଡ ଓ ଆମେରିକାରେ କର୍ମଚାରୀ ନ ଥାଇ ବ୍ୟାଙ୍କ୍ କାରବାର ଚାଲୁଛି । ଶନିବାର ଓ ରବିବାର ଛୁଟିଦିନ । ସେଦିନ ବି

ଗ୍ରାହକମାନେ ବ୍ୟାଙ୍କରୁ ଟଙ୍କା ଉଠାଉଛନ୍ତି । ଏହା କିପରି ହେଉଛି ? ପ୍ରତ୍ୟେକ ଗ୍ରାହକଙ୍କୁ ଗୋଟିଏ ଚିହ୍ନଟ-ପତ୍ର (identity card) ଦିଆଯାଇଛି । ଗ୍ରାହକଙ୍କ ଫଟୋ ସହିତ ସାଙ୍କେତିକ ସଂଖ୍ୟା (code number) ଥାଏ । ବ୍ୟାଙ୍କର କାନ୍ଥ ବା ଝରକାରେ ଥିବା ଗାତରେ ଚିହ୍ନଟ-ପତ୍ର ଗଳାଇଦେଲେ ବ୍ୟାଙ୍କର କମ୍ପ୍ୟୁଟର୍‌ଚାଳିତ ଯନ୍ତ୍ର ଖାତାପତ୍ର ଖୋଜି ଏହି ଲୋକଟି ପ୍ରକୃତ ଗ୍ରାହକ କି ନା ଓ ତାଙ୍କ ନାଁରେ କେତେ ଟଙ୍କା ଅଛି, ଲେଖି ଜଣାଇବ । ଗ୍ରାହକ ହୋଇଥିଲେ ଗାତରେ ଥିବା ଛୋଟ କବାଟଟି ଖୋଲିଯିବ । ଗ୍ରାହକ ୫୦ ପାଉଣ୍ଡ୍ ବା ୫୦ ଡଲାର୍ ଯାଏ ଟଙ୍କା ଉଠାଇପାରିବେ । ଖଣ୍ଡିଏ ଚେକ୍ ସେହି ଅନୁସାରେ ପୂରଣ କରି ଗାତରେ ପୂରେଇଦେଲେ ଯନ୍ତ୍ରଟି ଚେକ୍‌ରେ ଲେଖାଥିବା ପରିମାଣର ନୋଟ ବାହାର କରି ଗାତ ବାହାରକୁ ପଠାଇଦେବ । ବ୍ୟାଙ୍କର ଯନ୍ତ୍ର ଯଦି ହଜାର ହଜାର ଗ୍ରାହକଙ୍କୁ ଚିହ୍ନିପାରୁଛି, କୋଟି କୋଟି ଲୋକ ଚିହ୍ନିବା ଅସମ୍ଭବ ହେବ' ବା କାହିଁକି ? କିନ୍ତୁ ଏ ବ୍ୟବସ୍ଥାରେ ପ୍ରତି ଲୋକଙ୍କୁ ଚିହ୍ନିପାରିବାଭଳି ବା ତଦ୍ରୂପ ଚିହ୍ନଟକାରୀ କିଛି ସଙ୍କେତ କମ୍ପ୍ୟୁଟର୍ ପାଖରେ ରହିବା ଦରକାର । ଯୁଦ୍ଧରେ ମରିବାପାଇଁ ତ କେହି ନିଜର ଫଟୋ ବା ଚିହ୍ନଟ ଦେବ ନାହିଁ ; କିଂବା ଲୁଚି ଲୁଚି ଲୋକଙ୍କର ଫଟୋ ଉଠାଇହେବ ନାହିଁ । ପ୍ରତି ରାଷ୍ଟ୍ର ପ୍ରଶାସନ ସୁବିଧା ଦୃଷ୍ଟିରୁ ତା'ର ପ୍ରତ୍ୟେକ ନାଗରିକର ଚିହ୍ନଟ ତିଆରି କରିପାରେ । ଯଦି ତାହା ହୁଏ, ଲୋକଙ୍କୁ ମାରିବାପାଇଁ ଏହି ଚିହ୍ନଟ କେବେ ବ୍ୟବହୃତ ହେବ ନାହିଁ ।

ପ୍ରତିଲୋକଙ୍କୁ ଚିହ୍ନଟ କରିପାରୁଥିବାଭଳି ଯନ୍ତ୍ର ଯେ ସମ୍ଭବପର, ତାହା ଷୋହଳ ଶହ ଶତାବ୍ଦୀର ଅନ୍ଧକାର ଯୁଗରେ ସାରଳାଦାସ ଭାବିପାରିଥିଲେ ବୋଲି ଜାଣିଲେ ଆମକୁ ଆଶ୍ଚର୍ଯ୍ୟ ଲାଗେ ।

● ● ●

# ଭୀଷ୍ମଙ୍କ ଶରଶଯ୍ୟାର ବୈଜ୍ଞାନିକ ରହସ୍ୟ

ମହାଭାରତ ଯୁଦ୍ଧର ନ'ଦିନପରେ ଦୁର୍ଯ୍ୟୋଧନ ଜାଣିଲେ ଯେ ଭୀଷ୍ମ ପାଞ୍ଚପାଣ୍ଡବଙ୍କ ବିରୁଦ୍ଧରେ ଶର ଉତ୍ତୋଳନ କରିବେ ନାହିଁ । ପାଣ୍ଡବମାନଙ୍କର ଯେତେ ସୈନ୍ୟ ନିହତ ହେଲେ ମଧ୍ୟ ଯେପର୍ଯ୍ୟନ୍ତ ପାଣ୍ଡବମାନେ ଅକ୍ଷତ ଅଛନ୍ତି, ସେପର୍ଯ୍ୟନ୍ତ ଦୁର୍ଯ୍ୟୋଧନଙ୍କ ଜୟ ହେବ ନାହିଁ ।

ଭୀଷ୍ମ ଦୁର୍ଯ୍ୟୋଧନଙ୍କଠାରେ ପ୍ରତିଜ୍ଞାବଦ୍ଧ ଥିଲେ ଯେ ସେ କୌରବମାନଙ୍କ ସପକ୍ଷରେ ଯୁଦ୍ଧ କରିବେ । ତେଣୁ ସେ ପାଣ୍ଡବ ସୈନ୍ୟମାନଙ୍କୁ ଛିନ୍ନଛିନ୍ନ କରିଦେଇଥିଲେ । ଦଶମ ଦିନ ଭୀଷ୍ମ ଓ ସାତ୍ୟକିଙ୍କ ମଧ୍ୟରେ ଯୁଦ୍ଧ ହେଉଥିବାବେଳେ ଶ୍ରୀକୃଷ୍ଣଙ୍କ ପ୍ରରୋଚନାରେ ଅର୍ଜୁନ ଭୀଷ୍ମଙ୍କ ମୁହାଁମୁହିଁ ହେଲେ । କିନ୍ତୁ ଭୀଷ୍ମଙ୍କ ପ୍ରତି ଅର୍ଜୁନ ଶରନିକ୍ଷେପ କରିବାକୁ କୁଣ୍ଠାବୋଧ କରିବାରୁ ଶ୍ରୀକୃଷ୍ଣ ରଥରୁ ଓହ୍ଲାଇପଡ଼ି ନିଜେ ଭୀଷ୍ମଙ୍କ ଆଡ଼କୁ ଆଗେଇଗଲେ । ଏହା ଦେଖି ଭୀଷ୍ମ ଶ୍ରୀକୃଷ୍ଣଙ୍କ ହାତରେ ମୃତ୍ୟୁ ପାଇବା ଆଶାରେ ଖୁସି ହେଲେ ସିନା; କିନ୍ତୁ ଅର୍ଜୁନ ଡରିଗଲେ ।

ଶ୍ରୀକୃଷ୍ଣଙ୍କୁ ରକ୍ଷା କରିବାପାଇଁ ଅର୍ଜୁନ ପ୍ରତିଜ୍ଞା କଲେ ଯେ ସେ ଭୀଷ୍ମଙ୍କୁ ଯୁଦ୍ଧକ୍ଷେତ୍ରରେ ମାରିବେ । ଶ୍ରୀକୃଷ୍ଣ ଫେରିଆସିଲେ ।

ସନ୍ଧ୍ୟା ସୁଦ୍ଧା ଯୁଦ୍ଧ ଅମୀମାଂସିତ ରହିଲା । ରାତି ହେବାରୁ ପାଣ୍ଡବମାନେ ଶ୍ରୀକୃଷ୍ଣଙ୍କ ପରାମର୍ଶରେ ଭୀଷ୍ମଙ୍କ ସାକ୍ଷାତ୍ କଲେ । ଭୀଷ୍ମ ଆଗରୁ ପ୍ରତିଶ୍ରୁତି ଦେଇଥିଲେ ଯେ ଯୁଦ୍ଧକ୍ଷେତ୍ରରେ ସିନା ସେ କୌରବଙ୍କ ସମର୍ଥକ ; କିନ୍ତୁ ବାହାରେ ପାଣ୍ଡବମାନଙ୍କୁ ସବୁ ପ୍ରକାର ସାହାଯ୍ୟ କରିବେ ।

ପାଣ୍ଡବମାନଙ୍କ ତରଫରୁ ଯୁଧିଷ୍ଠିର ଭୀଷ୍ମଙ୍କୁ ପଚାରିଲେ, ସେ କପରି ଯୁଦ୍ଧକ୍ଷେତ୍ରରେ ନିହତ ହେବେ, ତାହାର ଉପାୟ ବତାନ୍ତୁ । ଭୀଷ୍ମ କହିଲେ, "ଯଦି ଶିଖଣ୍ଡୀକୁ ଆଗରେ ଠିଆ-କରାଇ ଅର୍ଜୁନ ମୋତେ ଆକ୍ରମଣ କରେ, ତେବେ ମୋର ମୃତ୍ୟୁ ନିକଟ ହେବ ; କାରଣ ଶିଖଣ୍ଡୀକୁ କେବେ ଆକ୍ରମଣ କରିବି ନାହିଁ ବୋଲି ମୁଁ ପ୍ରତିଜ୍ଞା କରିଛି ।"

ପରଦିନ ଯୁଦ୍ଧରେ ତାହା ହିଁ ହେଲା । ଶିଖଣ୍ଡୀକୁ ସାମନାରେ ଢାଲଭଳି ରଖି ଅର୍ଜୁନ ଆକ୍ରମଣ କଲେ ଓ ଭୀଷ୍ମଙ୍କର ନିକଟତର ହେଲେ । ଭୀଷ୍ମଙ୍କର ପାଲଟା ଆକ୍ରମଣରେ ପାଣ୍ଡବପକ୍ଷର ବହୁ ବୀର ସୈନ୍ୟ ମୃତାହତ ହେଲେ ସତ ; କିନ୍ତୁ ଭୀଷ୍ମ ଅନ୍ୟ କୁରୁଯୋଦ୍ଧାଙ୍କଠାରୁ ଭିନ୍ନ ହୋଇଗଲେ ।

ଚାରିଆଡ଼େ ପାଣ୍ଡବମାନଙ୍କୁ ଓ ସାମନାରେ ଶିଖଣ୍ଡୀକୁ ଦେଖି ଭୀଷ୍ମ ଭାବିଲେ, ତାଙ୍କର ମୃତ୍ୟୁ-ସମୟ ଆସିଗଲା । ସେ ପାଣ୍ଡବମାନଙ୍କୁ ମାରିବାକୁ ଚାହୁଁ ନ ଥିଲେ ଓ ଶିଖଣ୍ଡୀକୁ ଆକ୍ରମଣ ନ କରିବାକୁ ପ୍ରତିଜ୍ଞା କରିଥିଲେ । ପିତାଙ୍କଠାରୁ ପାଇଥିବା ଇଚ୍ଛାମୃତ୍ୟୁ-ବର ମନେ ପକାଇ ସେ ଅସ୍ତ୍ରଶସ୍ତ୍ର ତ୍ୟାଗ କରି ଅର୍ଜୁନଙ୍କ ବାଣମାଡ଼ରେ ଢଳିପଡ଼ିଲେ ।

ସନ୍ଧ୍ୟା ହୋଇଯିବାରୁ ଯୁଦ୍ଧ ବନ୍ଦ ହେଲା । ଦୁଇ ପକ୍ଷର ଯୋଦ୍ଧୃବୃନ୍ଦ ପିତାମହ ଭୀଷ୍ମଙ୍କୁ ସମ୍ମାନ ଦେବାକୁ ଆସିଲେ । ତାଙ୍କ ଶୋଇବାପାଇଁ ନରମ ଗଦି ଓ ତକିଆ ଅଣାଗଲା, କିନ୍ତୁ ସେ ମନା କଲେ । ବରଂ ବୀରୋଚିତ ଶଯ୍ୟାରେ ଶୋଇବାପାଇଁ ସେ ଅର୍ଜୁନଙ୍କୁ ଅନୁରୋଧ କଲେ—ସେ ଶରରେ ଶଯ୍ୟା ତିଆରି-କରନ୍ତୁ, ବିଶେଷତଃ ତାଙ୍କ ମୁଣ୍ଡ ଯେପରି ଟେକିହୋଇ ରହିବ । ଅର୍ଜୁନ ତାହା ହିଁ କଲେ ।

ଏହାପରେ ଅର୍ଜୁନ ତୀର ମାରି ତାଙ୍କୁ ଭୀଷ୍ମଙ୍କ ପାଣି ପିଆଇଥିଲେ, ଭୀଷ୍ମ ତାପରେ ଖାଦ୍ୟପେୟ ତ୍ୟାଗ କରି ଯୁଦ୍ଧ ଶେଷ-ପର୍ଯ୍ୟନ୍ତ ଶରଶଯ୍ୟାରେ ଶୋଇରହିଥିଲେ ଏବଂ ପାଣ୍ଡବମାନେ ସିଂହାସନ ପାଇବାପରେ ଯୁଧିଷ୍ଠିରଙ୍କୁ ରାଜକୀୟ କର୍ତ୍ତବ୍ୟ ବୁଝାଇ ଶେଷରେ ସେ ତାପରି ପ୍ରାଣତ୍ୟାଗ କଲେ, ଏସବୁ କଥା ମହାଭାରତରେ ଅଛି ।

ଗଳ୍ପଟିର ଅସଲ କଥା ହେଉଛି ଯେ ଭୀଷ୍ମ ଗୁଡ଼ିଏ ଶର ଉପରେ ଶୋଇରହିଥିଲେ । ସାଧାରଣତଃ ଶରଟିଏ ଫୋଡ଼ି-ହୋଇଗଲେ ଆମେ ଯନ୍ତ୍ରଣା ଅନୁଭବ କରୁ । ମାତ୍ର ବହୁତ ଦିନଯାଏ ଭୀଷ୍ମ ଶରଶଯ୍ୟାରେ ଶୋଇରହିଥିଲେ, ଯେପରି ସାଧାରଣ ଶେଯରେ ଆମେ ଶୋଉ । ଏହା କ'ଣ ସମ୍ଭବପର ? ହଁ, ବୈଜ୍ଞାନିକ ତତ୍ତ୍ୱଦୃଷ୍ଟିରୁ ଏହା ସମ୍ଭବପର ।

ଷ୍ଟୁଲ୍ ଉପରେ ବସିବାଠାରୁ ଚୌକି ଉପରେ ବସିବାକୁ ଆରାମ ଲାଗେ କାହିଁକି ? ଚୌକିରେ ବସି ହଲିବାଠାରୁ ଦୋଳିରେ ବସି ଝୁଲିବାକୁ ଆରାମ ଲାଗେ କାହିଁକି ? ଷ୍ଟୁଲ୍ ଉପରଟି ଚେପ୍ଟା । ତାହାର ଅଳ୍ପ ଆୟତନ ଉପରେ ଆମ ପୂରା ଶରୀରଟିର ଓଜନ ରହେ । ଏହି ଓଜନ କେବଳ ପିଚ୍ଛ ଉପରେ ଚାପିହୋଇ ରହେ; ତେଣୁ କାଟେ । ଚୌକିରେ ବସିଲେ ଦେହର ବହୁତ ଅଂଶ ଚୌକିରେ ଲାଗିରହେ, ତେଣୁ ଦେହର ଓଜନ ବେଶି ଅଞ୍ଚଳ

ଉପରେ ବାଣ୍ଟି ହୋଇଯାଏ । ଏହାଫଳରେ ଅଞ୍ଚଳ ବା ଆୟତନର ପ୍ରତ୍ୟେକ ଏକକ ଉପରେ ଦେହର ଆନୁପାତିକ ଓଜନ କମ୍ ହୁଏ ଏବଂ ଦେହର ସେହି ଅଂଶ ଉପରେ କମ୍ ଚାପ ପଡ଼େ ।


ଆରାମରେ ବସିବାର ବଡ଼ କୌଶଳ ହେଲା ଦେହର ଓଜନ ବା ଚାପକୁ ସମାନଭାବରେ ବାଣ୍ଟି ଦେବା । ନରମ ଗଦିରେ ଶୋଇଲେ ଆମ ଶରୀରର ଉଚ୍ଚ ନୀଚ ଅଂଶ ଅନୁଯାୟୀ ଗଦିରେ ଉଚ୍ଚ ନୀଚ ଚିହ୍ନ ରହିଯାଏ, ଅର୍ଥାତ୍ ଦେହଟାଯାକର ଚାପ ସମାନ ଭାବରେ ଗଦି ଉପରେ ବାଣ୍ଟି ହୋଇଯାଏ ; ପ୍ରତି ବର୍ଗସେଣ୍ଟି-ମିଟର୍‌ରେ ଅଳ୍ପ କେତେ ଗ୍ରାମ୍ ଓଜନର ଚାପ ରହେ । ତେଣୁ ଗଦିଟି ମୁଲାୟମ୍ ଲାଗେ ।

ଜଣେ ବୟସ୍କ ଲୋକର ପିଠି ଅଂଶର ଆୟତନ ପ୍ରାୟ ୨ ବର୍ଗମିଟର୍, ଅଥବା ୨୦ ହଜାର ବର୍ଗ ସେଣ୍ଟିମିଟର୍ । ଯଦି ଆମେ ଗୋଟିଏ ଅର୍ଦ୍ଧବର୍ଗମିଟର୍ (ପ୍ରାୟ ୨ ମିଟର ଲମ୍ବ ଓ ୦.୬୦ ମିଟର୍ ଓସାର ) ବିଛଣାରେ ଶୋଉ ଓ ଆମ ଓଜନ ୬୦ କିଲୋଗ୍ରାମ୍ ହୋଇଥାଏ, ତେବେ ୫ ହଜାର ବର୍ଗସେଣ୍ଟିମିଟର ଉପରେ ୬୦ ହଜାର ଗ୍ରାମ୍ ଓଜନ ରହିବ । ବିଛଣାର ସବୁ ଅଂଶ ଆମ ପିଠିରେ ଲାଗୁଥିବାରୁ ପ୍ରତି ବର୍ଗସେଣ୍ଟିମିଟର୍‌ରେ ପ୍ରାୟ ୧୨ ଗ୍ରାମ୍ ଓଜନର ଚାପ ପଡ଼ିବ । ଆମେ କୌଣସି ନରମ ଗଦିରେ ଶୋଇଲେ ପିଠିର ସବୁ ଅଂଶ, ମୁଣ୍ଡର ଅଧା, ଦୁଇ ହାତର ପୂରାପୂରି ପଛପାଖ, ଦୁଇଟି ପୂରାପୂରି ଗୋଡ଼ ଗଦି ଉପରେ ଚାପିହୋଇ ରହେ । କିନ୍ତୁ ପଟା ଉପରେ ଦେହର କେବଳ ଉଚ୍ଚ ଅଂଶ ବା ଗଣ୍ଠି ଗୁଡ଼ିକ ଚାପିହୁଏ । ଅର୍ଥାତ୍ ଏହି ଗଣ୍ଠି ଗୁଡ଼ିକ ଉପରେ ପୂରା ଦେହର ୬୦ କିଲୋଗ୍ରାମ୍ ଓଜନ ମାଡ଼ିବସେ । ତେଣୁ କେତେଗୁଡ଼ିଏ ବିନ୍ଦୁରେ ଗଦି ଭଳି ୧୨ ଗ୍ରାମ୍ ଓଜନର ଚାପ ନ ପଡ଼ି, ୧½ କିଲୋ-ଗ୍ରାମ୍ ବା ଅଧିକ ଓଜନର ଚାପ ପଡ଼େ । ସେହି ସେହି ବିନ୍ଦୁରେ ହିଁ ଆମକୁ କଷ୍ଟ ବୋଧ ହୁଏ ।



[ଭୀଷ୍ମଙ୍କ ଶରଶଯ୍ୟା]

ଯଦି ତୀରଗୁଡ଼ିକର ମୁନ ଉଚ୍ଚ ଖାଲ ହୋଇ ଦେହର ଭଙ୍ଗ ଅନୁଯାୟୀ ସଜାଯାଏ, ତାହା ଗୋଟିଏ ଶେଯ ହୋଇଯିବ । ଗଦିରେ ଶୋଇଲେ ଭୀଷ୍ମଙ୍କ ଦେହ ଯେପରି ଗଦିକୁ ଚପି ଦେଇଥାନ୍ତା, ସେହିଭଳି ଶେଯ ତିଆରି କଲଭଳି ତୀରଗୁଡ଼ିକୁ ଖଞ୍ଜି ଅର୍ଜ୍ଜୁନ ଯେଉଁ ଶଯ୍ୟା କଲେ ତହିଁରେ ଭୀଷ୍ମଙ୍କୁ ଆଦୌ କଷ୍ଟ ହେଲା ନାହିଁ । ଗୋଟି ଗୋଟିକରି ତୀର ରଖିଲା ବେଳେ ମୁନଟି ନିଶ୍ଚୟ ଭୀଷ୍ମଙ୍କୁ କାଟିଥିବ । ତୀର ମୁନଗୁଡ଼ିକୁ ଖୁବ୍ ପାଖାପାଖି ରଖିଲେ କାଟିବାର ପ୍ରଶ୍ନ ରହିବ ନାହିଁ । ଅର୍ଜ୍ଜୁନ ବିନ୍ଧିଥିବା ଶରଗୁଡ଼ିକ ଏତେ ସଂଖ୍ୟାରେ ଥିଲା ଯେ ମୁନ ମୁନ ଭିତରେ ଫାଙ୍କା ନଥିଲା ଏବଂ ଭୀଷ୍ମଙ୍କର ଦେହର ଭଙ୍ଗ ଅନୁଯାୟୀ ତୀରମୁନ ତିଆରି କରିଥିବା ଶେଯଟି ଉଚ୍ଚ ଖାଲ ହୋଇଥିଲା ।



[ଗଦିରେ ଶୋଇବା]

ଗଦି ଉପରେ ଶୋଇଲେ ଆମ ଦେହର ଭଙ୍ଗ ଅନୁଯାୟୀ ଗଦିଟିରେ ଖାଲଢ଼ିପ ହୋଇଥାଏ । ପିଠ୍ଠ, ମୁଣ୍ଡର ପଛଭଗ ଓ ଗୋଇଠି ଆଦି ଆମ ଦେହର ଯେଉଁ ଅଂଶ ଉଚ୍ଚ, ସେସବୁ ଆମ ଦେହର ପୂରା ଓଜନକୁ ଟେକି ଧରିବା କଥା । କିନ୍ତୁ ଶଯ୍ୟାଟି ନରମ ହୋଇଥିବାରୁ ସେଇ ସେଇ ଅଂଶ ଚୁପି ହୋଇ-ଯାଏ । ଫଳରେ ଶଯ୍ୟାଟି ପୂରା ଶରୀରର ପ୍ରତ୍ୟେକ ଅଂଶସହିତ ଲଗି ହୋଇଯାଏ । କାଠଭଳି ଟାଣ ଜିନିଷ ଉପରେ ଶୋଇଲେ ଆମ ପିଠିତଳେ କିଛି କିଛି ଫାଙ୍କ ରହିଯାଏ । ଯେଉଁ ଯେଉଁ ଅଂଶ ଉପରେ ଦେହଟି ଟେକି ହୋଇ ରହେ, ସେହିଠାରେ ଆମକୁ କାଟେ ।

ଯଦି ଆମେ କାଦୁଅରେ ଆମ ଦେହର ଗୋଟିଏ ଛାଞ୍ଚ ନେବା, କାଦୁଅ ଛାଞ୍ଚଟିକୁ ଶୁଖାଇ ପୋଡ଼ି ଟାଣ କରିଦେବା ଓ ତହିଁରେ ଶୋଇବା, ତେବେ ଏହି ଛାଞ୍ଚଟି ଟାଣ ହେଲେ ମଧ୍ୟ ଆମକୁ ନରମ ଗଦିଭଳି ମୁଲାୟମ୍ ଲାଗିବ । ଅବଶ୍ୟ କାଦୁଅ ଶୁଖିଗଲେ ୫% ରୁ ୧୦% ସଙ୍କୁଚିତ ହୋଇଯାଏ । କିନ୍ତୁ ଆମ ହିସାବପାଇଁ ମନେ କରିବା, ଛାଞ୍ଚଟି ଏପରି କୌଶଳରେ ତିଆରି ଯେ ତାହା ସଙ୍କୁଚିତ ହେବ ନାହିଁ । ଏଥିରୁ ଅନୁମାନ କରିହୁଏ, ଯଦି ଆମ ଦେହକୁ ପୂରାପୂରି ଲଗାଇ ଶୁଆଇପାରିବା, ଭଳି ଗୋଟିଏ କଠିନ ପଥରର ଖୋଦେଇ ବିଛଣା କରିବା, ତେବେ ପଥର ବିଛଣାଟି ମଧ୍ୟ ନରମ ଗଦିଭଳି ଲାଗିବ ।

ଭୀଷ୍ମଙ୍କୁ ଯେଉଁ ଶରଶଯ୍ୟା ମିଳିଥିଲା, ତହିଁରେ ଅସଂଖ୍ୟ ତୀର ଏଭଳିଭାବରେ ଗେଞ୍ଜାଗେଞ୍ଜି ହୋଇ ଖଞ୍ଜାହୋଇଥିଲା ଯେ ତାହା ଭୀଷ୍ମଙ୍କ ଶରୀରର ଆକୃତିକୁ ଠିକ୍ ଖାପ ଖାଉଥିଲା । ନରମ ଗଦିରେ ଉଚ ଖାଲ ହୋଇ ଦେହଟିର ଓଜନ ଯେପରି ସମାନଭାବରେ ବାଣ୍ଟିହୋଇଯାଏ, ଭୀଷ୍ମଙ୍କ ଶରୀରର ଓଜନ ସେହିଭଳି ପ୍ରତି ତୀର ଉପରେ ବାଣ୍ଟିହୋଇଯାଇଥିବ । ଯଦି ତୀରସଂଖ୍ୟା ୫୦୦୦ ଓ ଭୀଷ୍ମଙ୍କ ଓଜନ ୬୦ କିଲୋଗ୍ରାମ୍ ହୋଇଥାଏ, ପ୍ରତି ତୀର ଉପରେ ୧୨ ଗ୍ରାମ୍‌ରୁ କମ୍ ଓଜନ ପଡ଼ିବ । ଯଦି ୧୦୦୦୦ ତୀର ହୋଇଥିବ, ପ୍ରତି ମୁନରେ ୬ ଗ୍ରାମ୍ ଓଜନ ପଡ଼ିବ । ଏତେ ହାଲୁକା ହେଲେ ତୀରମୁନ ଗଳିଯିବ ନାହିଁ । ଏଥିରେ ଅର୍ଜୁନଙ୍କର ବାହାଦୁରୀ ହେଉଛି ଯେ ସେ ତୀରଗୁଡ଼ିକୁ ଭୀଷ୍ମଙ୍କ ଶରୀରର ଭଙ୍ଗ ଅନୁଯାୟୀ ଖୁନ୍ଦିଖାନ୍ଦି ସଜାଇଦେଇଥିଲେ ଏବଂ ଭୀଷ୍ମଙ୍କୁ ଧୀରେ ଧୀରେ ଖଞ୍ଜାହୋଇଥିବା ତୀର ଉପରେ ପୂରାପୂରି ମିଶାଇ ଶୁଆଇଦେଇଥିଲେ ।

# ଜରାସନ୍ଧର ଜନ୍ମ-ମୃତ୍ୟୁ ରହସ୍ୟ

ବହୁତ ଦିନତଳର କଥା । ମଗଧରେ ବୃହଦ୍ରଥ ରାଜୁତି କରୁଥାଆନ୍ତି । ସେ ଯେପରି ସୁନ୍ଦର, ସେହିପରି ଶକ୍ତିଶାଳୀ ଓ ଧନୀ ଥିଲେ । କାଶୀରାଜାଙ୍କ ଦୁଇଟି ଯାଆଁଳା ଝିଅକୁ ସେ ବିବାହ କରିଥିଲେ । ରାଜା ଓ ଦୁଇ ରାଣୀଙ୍କମଧ୍ୟରେ ସମ୍ପର୍କ ଖୁବ୍ ଭଲ ଥିଲେ କ'ଣ ହେଲା, ତାଙ୍କ ଜୀବନରେ ଆନନ୍ଦ ନ ଥାଏ । ତାଙ୍କ ସଂସାର ଅପୂର୍ଣ୍ଣ ରହିଯାଇଥାଏ । ଗୋଟିଏ ହେଲେ ସନ୍ତାନ ନାହିଁ; ତାଙ୍କପରେ ଏତେ ବଡ଼ ସାମ୍ରାଜ୍ୟ ସମ୍ଭାଳିବ କିଏ ? ଯେଉଁ ରାଜାର ପୁଅ ନାହିଁ, ତା'ର ସୁଖ କାହିଁ ?

ସନ୍ତାନଟିଏ ପାଇବାପାଇଁ ସେ ଅନେକ ଯତ୍ନ କଲେ । କିନ୍ତୁ ସବୁ ଚେଷ୍ଟା ବିଫଳ ହେଲା । ସେ ଭାବିଲେ, ବୋଧ ହୁଏ ଦେବତାମାନେ ତାଙ୍କ ଉପରେ ବିରକ୍ତ ହୋଇଛନ୍ତି । ଦେବତାଙ୍କ କ୍ରୋଧକୁ ଶାନ୍ତ କରିବାପାଇଁ ସେ ମୁନି-ଋଷିଙ୍କ ଶରଣ ନେଲେ ।

ଦିନେ ତାଙ୍କ ରାଜଧାନୀକୁ ଚଣ୍ଡକୌଶିକ ମୁନି ଆସିଛନ୍ତି ଶୁଣି ରାଜା ତାଙ୍କୁ ସାକ୍ଷାତ କଲେ ଏବଂ ଭଲଭାବରେ ସତ୍କାର

କଲେ । ମୁନି ଚଣ୍ଡକୌଶିକ ରାଜା ବୃହଦ୍ରଥଙ୍କ ଉପରେ ଖୁସି ହୋଇ ଗୋଟିଏ ବର ଯାଚିଲେ ।

"ଯେଉଁ ରାଜାର ସନ୍ତାନ ନାହିଁ, ସେ ତ ବନବାସ କରିବା କଥା, ସେ ପୁଣି ବରଟିଏ ନେଇ କରିବ କ'ଣ ?"—ବୃହଦ୍ରଥ ଏତିକ କହିଲେ ।

ଚଣ୍ଡକୌଶିକ ରାଜାଙ୍କ ଇଚ୍ଛା ବୁଝିପାରିଲେ । ଗୋଟିଏ ଆମ୍ବକୁ ମନ୍ତ୍ରପୂତ କରି ବୃହଦ୍ରଥଙ୍କୁ ଦେଲେ ; କହିଲେ, "ଯାଅ । ତୁମ ମନସ୍କାମନା ପୂର୍ଣ୍ଣ ହେବ । ରାଣୀଙ୍କୁ ଏହି ଆମ୍ବଟି ଖାଇବାକୁ ଦେବ । ନିଶ୍ଚୟ ପୁତ୍ର ଲାଭ କରିବ ।"

ରାଜା ଋଷିଙ୍କୁ ପ୍ରଣାମ କରି ଉଆସକୁ ଫେରିଆସିଲେ । ଉଆସରେ ପହଞ୍ଚିଲାକ୍ଷଣି ସେ ଚିନ୍ତାରେ ପଡ଼ିଲେ । ଦୁଇ ରାଣୀ, କିନ୍ତୁ ଗୋଟିଏ ଆମ୍ବ । କାହାକୁ ଦୁଃଖ ଦେବେ ? ରାଣୀମାନେ ଦୁହେଁ ଯାଆଁଳା ଭଉଣୀ । ପୁଣି ଦୁହିଁଙ୍କୁ ସେ ଏକାଭଳି ଭଲ ପାଉଥିଲେ । ତେଣୁ ବୃହଦ୍ରଥ ଆମ୍ବଟିକୁ ଦୁଇ ଫାଳ କରି ଦୁଇ ରାଣୀଙ୍କୁ ଖାଇବାକୁ ଦେଲେ ।

ଯେତେବେଳେ ଦୁଇ ରାଣୀଙ୍କର ପିଲା ହେଲା, ପ୍ରତ୍ୟେକେ ଅଧେ ଲେଖାଏଁ ଶିଶୁ ଜନ୍ମ କଲେ । ପ୍ରଥମେ ସମସ୍ତେ ଅବାକ୍ ହୋଇଗଲେ ; ପରେ ସେମାନଙ୍କର ମନ କଷ୍ଟ ହେଲା । ରାଜା ନିଜକୁ ଧିକ୍କାର କଲେ । ରାଣୀମାନେ ପରସ୍ପରକୁ ଦୋଷ ଦେଲେ, "ମୁଁ ତୁମକୁ ମୋ ଫାଳଟା ଦେଇଥିଲେ ଭଲ ହୋଇଥାଆନ୍ତା"—ପ୍ରତ୍ୟେକେ ଅନ୍ୟକୁ କହିଲେ । ପୁଣି ଦୁହେଁ ଠିକ୍ କଲେ, ଏବେ ଭାବିଲେ କ'ଣ ହେବ, ଯାହା ହେବାର ତ ହୋଇଗଲାଣି, ଏମିତି ଖଣ୍ଡିଆ ଶିଶୁ ଜାତ ହେବା ଖବର ଯେପରି ବାହାରିଆଡ଼େ କଣା

ନ ପଡ଼ୁ । ରାଣୀଙ୍କ ଦାସୀମାନେ ଦୁଇଟି ଶିଶୁଖଣ୍ଡକୁ ଉଆସ ପଛଆଡ଼େ ଫୋପାଡ଼ିଦେଇଆସିଲେ ।

କିଛି ସମୟପରେ ରାକ୍ଷସୀ ଜରା ଆହାର ଅନ୍ବେଷଣରେ ସେହି ବାଟେ ଆସିଲା । ରାଜପ୍ରାସାଦର ରୋଷେଇଘର ଅଳିଆ-ଗଦାରୁ ବହୁତ କିଛି ମିଳିପାରେ । ହେଲେ, ରୋଷେଇଘରର ବାସନା ମିଳିବା ପୂର୍ବରୁ ଆଉ ଗୋଟିଏ ଗନ୍ଧ ତା' ନାକରେ ପଶିଲା—ଜୀଅନ୍ତା ମଣିଷର ବାସନା । ଶୁଙ୍ଘି ଶୁଙ୍ଘି ସେ ଆଗେଇଲା ଓ ଦୁଇଗଦା ମାଂସ ଦେଖି ଅଟକିଗଲା । "କି ଆଶ୍ଚର୍ଯ୍ୟ ! ଗୋଟିଏ ଶିଶୁର ଦୁଇଫାଳ ଦୁଇଟି ପୁଡ଼ିଆରେ ବନ୍ଧାହୋଇଛି ! ଦୁଇଟିକୁ ତ ଏକାଠି କଲେ ଗୋଟିଏ ପୁଟୁଳା ହେବ ; ନେବା ବି ସହଜ ହେବ ।"

ଏତକ ଭାବି ଜରା କନାପଡ଼ିଆଦୁଇଟିକୁ ଫିଟାଇଦେଲା । ଦେହର ଦୁଇ ଫାଳକୁ ଯୋଡ଼ି ଗୋଟିଏ କନାରେ ଗୁଡ଼ାଇବାକୁ ଆରମ୍ଭ କଲା । ଯେମିତି ଦୁଇ ଫାଳ ପରସ୍ପର ଠିକ୍ ଠିକ୍ ଜାଗାରେ ଲାଗିଗଲା, ପିଲାଟିର ଜୀବନ ଆସିଗଲା । ପିଲାଟି ଜୋର୍‌ରେ ରଡ଼ି ଛାଡ଼ିଲା । କଅଁଳା ପିଲାର ଚିତ୍କାର ଶୁଣି ରାଜା, ଦୁଇ ରାଣୀ, ତାଙ୍କ ଦାସଦାସୀ, ସମସ୍ତେ ଘଟଣାସ୍ଥଳକୁ ଦଉଡ଼ିଆସିଲେ ।


ବୃହଦ୍ରଥଙ୍କ ଧର୍ମକର୍ମରେ ଜରାଭଳି ରାକ୍ଷସୀ ମଧ୍ୟ ଖୁସି ଥିଲା । ରାଜା ପୁଅଟିଏ ପାଇବାପାଇଁ କି ବ୍ୟାକୁଳ ହେଉଛନ୍ତି, ସେ ବି ଶୁଣିଥିଲା ।

ବୃହଦ୍ରଥ ଓ ଦୁଇରାଣୀ ପାଖକୁ ଆସିବାରୁ ଜରା ଶିଶୁଟିକୁ ରାଜାଙ୍କୁ ବଢ଼ାଇଦେଇ କହିଲା, "ମହାରାଜ ! ମୁଁ ଜରା । ତୁମର ପୁଅକୁ ମୁଁ ରକ୍ଷା କରିଛି । ଏବେ ନିଅ ।" ରାଜା ଖୁସି ହୋଇ



[ଜରାସନ୍ଧ ଦୁଇଫାଳ ହେଲା]

ଦେହର ଦୁଇଫାଳ ଯୋଡ଼ାଯାଇ ଗୋଟିଏ ପୂର୍ଣ୍ଣ ଶରୀର ହୋଇଗଲେ ହେଁ ଯୋଡ଼ାଯାଇଥିବା ଜାଗାରେ ଦୁର୍ବଳତା ରହିଯାଏ । ବିଶେଷକରି ମୁଣ୍ଡ ଓ ମେରୁଦଣ୍ଡ ଭଳି ଅଙ୍ଗ ଯଦି କେବେ ଦୁଇଫାଳ ହୋଇଥାଏ ଯୋଡ଼ା ହୋଇଗଲା ପରେ ତାହା କଦାପି ପୂର୍ବଭଳି ଶକ୍ତ ହେବ ନାହିଁ । ଯେଉଁ ଜରାସନ୍ଧ ଗଦାଦ୍ୱାରା ଆଘାତ ପାଇ ମଧ୍ୟ ଖଣ୍ଡିଆ ଖାବରା ହେଉ ନାହିଁ ତାକୁ କେବଳ ଜଙ୍ଘ ପାଖରୁ ଦୁଇଗୋଡ଼କୁ ଫାଡ଼ି ଦେଲେ ସେ ମରିବ, ଏକଥା ଯିଏ ଜରାସନ୍ଧର ଜନ୍ମ କାହାଣୀ ଜାଣିଛି ସେ କେବଳ କହିପାରିବ । ତାହା ହିଁ ଶ୍ରୀକୃଷ୍ଣ ଇଙ୍ଗିତ ଦେବାରୁ ଭୀମ ତଳେ ପଡ଼ିଯାଇଥିବା ଜରାସନ୍ଧକୁ ଜଙ୍ଘଠାରୁ ଦୁଇଫାଳ କରିଦେଲା ।



[ମଣିଷ ଦେହର ଦୁଇଫାଳ]

ମଣିଷ ଦେହଟି ଏପରିଭାବରେ ଗଢ଼ା ଯେ ତାର ବାମ ପାଖ ତାର ଡାହାଣ ପାଖର ଦର୍ପଣ ପ୍ରତିଛବି ଭଳି । ଏହାକୁ ଇଂରାଜୀରେ କହନ୍ତି ସିମେଟ୍ରି । ତେଣୁ ମଣିଷର ଦେହକୁ ଠିକ୍ ମଝିରୁ ଦୁଇଫାଳ କରିଦେଲେ ଦୁଇଫାଳ ସମାନ ହୋଇଯିବ । ଏହି ଧାରଣା ନେଇ ଜରାସନ୍ଧ ଅଧେ ଲେଖାଁଏ ଶିଶୁଭାବରେ ଜନ୍ମ ହୋଇଥିବାର ବର୍ଣ୍ଣନା କରାଯାଇଛି । ଆଜିକାଲି ଶୈଲ୍ୟ ଚିକିତ୍ସା ଏତେ ଉନ୍ନତ ହୋଇଯାଇଛି ଯେ, କୌଣସି ବ୍ୟକ୍ତି ସଦ୍ୟ ଦୁଇଖଣ୍ଡ ହୋଇଥିଲେ ତାକୁ ସାଙ୍ଗେ ସାଙ୍ଗେ ଯୋଡ଼ାଯାଇ ପାରିବ ଏବଂ ସେ ସମ୍ପୂର୍ଣ୍ଣ ସୁସ୍ଥ ହୋଇପାରିବ ।

ଜରାଙ୍କୁ ଅଶେଷ ଧନ୍ୟବାଦ ଦେଇ କହିଲେ, "ତୁମେ ତାକୁ ଯୋଡ଼ି ସମ୍ପୂର୍ଣ୍ଣ ଶିଶୁଟିଏ କରିଛ । ତେଣୁ ତା'ର ନାମ ହେବ ଜରାସନ୍ଧ ।"

ଜରାସନ୍ଧ ଦିନକୁ ଦିନ ବଢ଼ିଲା । ଆଉ ଥରେ ଚଣ୍ଡକୌଶିକ ମୁନି ଆସିଥିଲେ । ବୃହଦ୍ରଥ ତାଙ୍କ ପାଖରେ ଜରାସନ୍ଧକୁ ଅର୍ପଣ କରିବାରୁ ସେ ତାକୁ ଆଶୀର୍ବାଦ ଦେଇ କହିଲେ, "ପରାକ୍ରମରେ ଏହା ସହିତ କେହି ସମକକ୍ଷ ହେବେ ନାହିଁ ।"

ଜରାସନ୍ଧ ପ୍ରାପ୍ତବୟସ୍କ ହେବାରୁ ବୃହଦ୍ରଥ ତାଙ୍କୁ ସିଂହାସନ ଦେଇ ବାନପ୍ରସ୍ଥକୁ ଚାଲିଗଲେ । ଜରାସନ୍ଧ ବହୁତ ପଡ଼ୋଶୀ ରାଜ୍ୟ ଜୟ କରି ସାମ୍ରାଜ୍ୟ ବଢ଼ାଇଲା । ତା'ର ଦୁଇ ଝିଅ 'ଅସ୍ତି' ଓ 'ପ୍ରାପ୍ତି'ଙ୍କୁ କଂସ ବିବାହ କଲା । କିଛି କାଳପରେ ଶ୍ରୀକୃଷ୍ଣଙ୍କ ହାତରେ କଂସ କପଟ ମଲା, ଆମେ ସେ କାହାଣୀ ଜାଣିଛୁ । କିନ୍ତୁ ଜରାସନ୍ଧ ନିଜର ଦୁଇ କନ୍ୟା ବିଧବା ହୋଇଯିବା ଶୁଣି କ୍ରୋଧରେ ମଥୁରା ଆକ୍ରମଣ କଲା । ଆକାଶମାର୍ଗରୁ ଦୁଇଟି ରଥ ସହ ସ୍ୱର୍ଗର ଅସ୍ତ୍ରଶସ୍ତ୍ର ପାଇ ଶ୍ରୀକୃଷ୍ଣ ଓ ବଳରାମ ଅନାୟାସରେ ତାକୁ ହରାଇଦେଲେ । ସେ କିନ୍ତୁ ବାର ବାର ସତେଇଶ ବାର ମଥୁରା ଆକ୍ରମଣ କରିଥିଲା । ସବୁ ଥର ହାରିଥିଲେ ବି ସେ ମଥୁରାର ବହୁତ ଧନ-ଜୀବନ ନଷ୍ଟ କରିଥିଲା ।

ଇତିମଧ୍ୟରେ କାଳଯବନ ନାମକ ଜଣେ ଅତି ଶକ୍ତିଶାଳୀ ଅସୁର ନାରଦଙ୍କଠାରୁ ଯାଦବ ବୀର ଶ୍ରୀକୃଷ୍ଣ ଓ ବଳରାମଙ୍କ ପରାକ୍ରମ ଶୁଣି ନିଜର ସୈନ୍ୟସାମନ୍ତ ସହ ମଥୁରା ଆକ୍ରମଣ କଲା । ଏହି ଯୁଦ୍ଧ ଚାଲିଥିଲାବେଳେ ଶ୍ରୀକୃଷ୍ଣ ବଳରାମ ଖବର ପାଇଲେ ଯେ ଜରାସନ୍ଧ ସୈନ୍ୟବାହିନୀ ସହିତ ୧୮ତମ ମଥୁରା-ଆକ୍ରମଣ କରିବାକୁ ଆସୁଛି । ଯଦୁକୁଳର ପ୍ରଜାମାନଙ୍କୁ ଦୁଇ ଦୁଇଟି ଶତ୍ରୁର ଧ୍ୱଂସଲୀଳାରୁ ରକ୍ଷା କରିବାପାଇଁ ସେମାନଙ୍କୁ କୌଣସି ଏକ ନିରାପଦ ସ୍ଥାନକୁ ନେବାକୁ ପଡ଼ିବ ବୋଲି ଶ୍ରୀକୃଷ୍ଣ ଓ ବଳରାମ ଠିକ୍ କଲେ । ସେମାନଙ୍କ ଇଚ୍ଛାନୁସାରେ ପଶ୍ଚିମ

ସମୁଦ୍ରରେ ଦ୍ୱାରକା ଦ୍ୱୀପରେ ଦୁର୍ଗ ତିଆରିହେଲା । ଶ୍ରୀକୃଷ୍ଣ ମହାନ୍ ଯୋଗୀ ଥିଲେ । ତାଙ୍କ ଯୋଗବଳରେ ମଥୁରାରୁ ଧନଜନ ସହ ଗୋମେଷାଦି ପଶୁ ଅନାୟାସରେ ଦ୍ୱାରକାକୁ ଚାଲିଗଲେ ।

ଅଳ୍ପ କେତେ ବୀରଙ୍କ ସହ ଶ୍ରୀକୃଷ୍ଣ ଓ ବଳରାମ ମଥୁରାରେ ରହି ଯୁଦ୍ଧ ଚଳାଇଥିଲେ । ଶ୍ରୀକୃଷ୍ଣ ମାୟାବଳରେ କାଳଯବନଙ୍କୁ ମୁଚୁକୁନ୍ଦ ଋଷିଙ୍କ ଗୁମ୍ଫାଭିତରକୁ ନେଇଗଲେ । ହାତାପହାନ୍ତାରେ ଥିଲାଭଳି ମନେ ହେଉଥିଲେ ବି ସେ ଶ୍ରୀକୃଷ୍ଣଙ୍କୁ ଧରିପାରୁ ନ ଥିଲା । ହଠାତ୍ ଶ୍ରୀକୃଷ୍ଣ ଲୁଚିଗଲେ । ଗୁମ୍ଫାର ଅନ୍ଧକାର ଭିତରେ ଶୋଇଥିବା ମୁଚୁକୁନ୍ଦ ଋଷିଙ୍କୁ ଶ୍ରୀକୃଷ୍ଣ ଭ୍ରମ କାଳଯବନ ଗୋଇଠାଏ ମାରିଲା । ରାଗରେ ମୁଚୁକୁନ୍ଦ ଋଷିଙ୍କ ଆଖିରୁ ଯେଉଁ ତେଜ ବାହାରିଲା, ତାହା କାଳଯବନକୁ ପୋଡ଼ି ଭସ୍ମ କରିଦେଲା ।

ଜରାସନ୍ଧ ପ୍ରବଳ ଆକ୍ରମଣ କରି ଶ୍ରୀକୃଷ୍ଣ ବଳରାମଙ୍କୁ ଅଥୟ କରିଦେବାରୁ ସେମାନେ ମଥୁରାରୁ ଦ୍ୱାରକା ପଳାଇଲେ । ରାଗରେ ଜରାସନ୍ଧ ଠିକ୍ କଲା, ଯାଦବଙ୍କ ମିତ୍ର ଥିବା ସବୁ ରାଜ୍ୟକୁ ନିଜର କବଳଗତ କରି ରାଜାମାନଙ୍କୁ ରାଜସୂୟ ଯଜ୍ଞରେ ବଳି ଦେବ ।

ସେତେବେଳକୁ ପାଣ୍ଡବମାନେ କୌରବମାନଙ୍କୁ ହରାଇ ଇନ୍ଦ୍ରପ୍ରସ୍ଥ ରାଜ୍ୟ ପାଇସାରିଥିଲେ । ଯୁଧିଷ୍ଠିର ରାଜସୂୟ ଯଜ୍ଞ କରନ୍ତୁ ବୋଲି ସମସ୍ତେ ଚାହୁଁଥିଲେ । କିନ୍ତୁ ଜରାସନ୍ଧକୁ ପରାସ୍ତ ନ କଲେ ଏହା ଅସମ୍ଭବ । ଶ୍ରୀକୃଷ୍ଣଙ୍କ ପରାମର୍ଶକ୍ରମେ ସେ ନିଜେ, ଅର୍ଜୁନ ଓ ଭୀମ ବ୍ରାହ୍ମଣବେଶରେ ମଗଧ ଗଲେ । ଜରାସନ୍ଧର ଦରବାରରେ ବ୍ରାହ୍ମଣମାନେ ସହଜରେ ପ୍ରବେଶ କଲେ । ବ୍ରାହ୍ମଣଙ୍କୁ ଯଥୋଚିତ ଭିକ୍ଷା ଦେବାକୁ ଜରାସନ୍ଧ ସମ୍ମତ ହେବାରୁ ସେମାନେ ଦ୍ୱନ୍ଦ୍ୱ ଯୁଦ୍ଧ ଭିକ୍ଷା କଲେ । କେବଳ ଜଣେ ଜଣକ ସହିତ ଯୁଦ୍ଧ କରିବ । ଜରାସନ୍ଧ ତିନି ବ୍ରାହ୍ମଣଙ୍କ ପରିଚୟ ପାଇଗଲା । ଶ୍ରୀକୃଷ୍ଣ

ଥରେ ହାରି ପଳାଇଛନ୍ତି ଓ ଅର୍ଜୁନ କ୍ଷୀଣଶରୀର ଦିଶୁଛନ୍ତି; ତେଣୁ ଚେହେରା ଦୃଷ୍ଟିରୁ ଭୀମ ହିଁ କିଛି ମୁକାବିଲା କରିପାରେ ବୋଲି ସେ ଭୀମ ସହିତ ଗଦାଯୁଦ୍ଧପାଇଁ ଠିକ୍ କଲା । ଗଦାଯୁଦ୍ଧରେ ଦୁହିଁଙ୍କ ଗଦା ଭାଙ୍ଗିଯିବାରୁ ମଲ୍ଲଯୁଦ୍ଧ ଆରମ୍ଭ ହେଲା । ଲାଗ ଲାଗ ସତେଇଶ ଦିନ ଯୁଦ୍ଧ ଚାଲିଲା । ଶ୍ରୀକୃଷ୍ଣ ଜରାସନ୍ଧର ଜନ୍ମରହସ୍ୟ ଜାଣିଥିଲେ । ତା'ର ଯେପରି ଜନ୍ମ, ସେହିପରି ମୃତ୍ୟୁ ହେବ । ଖଣ୍ଡିଏ ଦୂବକୁ ଦୁଇ ଫାଳ କରି ଦେଖାଇ କହିଲେ, ଜରାସନ୍ଧକୁ ଥରେ ତଳେ ପକାଇଦିଅ । ତା'ପରେ ତା'ର ଦୁଇ ଗୋଡ଼କୁ ଧରି ତାକୁ ଦୁଇ ଫାଳ କରିଦେବ ।

ଯୁଦ୍ଧରେ ଭୀମ ତାହା ହିଁ କଲେ । ଜରାସନ୍ଧ ତଳେ ପଡ଼ିଗଲାପରେ ତା'ର ଦୁଇ ଗୋଡ଼କୁ ଧରି ଚିରି ଦୁଇ ଫାଳ କରିଦେଲେ । ଜରାସନ୍ଧର ମୃତ୍ୟୁ ହେଲା ।

ଜରାସନ୍ଧର ଜନ୍ମ-ବୃତ୍ତାନ୍ତ ବିଜ୍ଞାନଦ୍ୱାରା ଅନୁମୋଦିତ ନୁହେଁ । ଫାଳେ ଲେଖାଏଁ ପିଲା ଜନ୍ମିବା ସମ୍ଭବପର ନୁହେଁ । ସ୍ତ୍ରୀର ଡିମ୍ବାଣୁ ଦୁଇଭାଗ ହୋଇ ଭ୍ରୂଣ ହେଲେ ପ୍ରତ୍ୟେକ ଭାଗ ଗୋଟିଏ ସମ୍ପୂର୍ଣ୍ଣ ଶିଶୁ ହେବ । ଶିଶୁର ଅଙ୍ଗ-ପ୍ରତ୍ୟଙ୍ଗରେ ଦୋଷ-ଦୁର୍ବଳତା ରହିପାରେ, ଶିଶୁର ରୂପ ଅଦ୍ଭୁତ ହୋଇପାରେ, କିନ୍ତୁ ମୁଣ୍ଡ ଓ ମେରୁଦଣ୍ଡଭଳି ଅଙ୍ଗ ଫାଳକିଆ ହୁଏ ନାହିଁ । ଜନ୍ମିଥିବା ଶିଶୁର ଦେହସାରା ଚର୍ମ ନିଶ୍ଚୟ ଘୋଡ଼ାଇହୋଇଥିବ । ଜରାସନ୍ଧର ଜନ୍ମକାହାଣୀରୁ ଜଣାଯାଏ, ସତେ ଯେପରି ତା'ର ପାଦ ପାଖରୁ ମୁଣ୍ଡପର୍ଯ୍ୟନ୍ତ ଦୁଇ ଫାଳ ହୋଇଥିଲା ଏବଂ ଫାଳର ଧାର ଚମରେ ଘୋଡ଼ାଇହୋଇ ନ ଥିଲା ।

କିନ୍ତୁ ଏ କଥା ସତ ଯେ ମଣିଷର କୌଣସି ଅଙ୍ଗ ଦୁଇ ଖଣ୍ଡ ହୋଇଗଲେ, ଯଦି ସାଙ୍ଗେ ସାଙ୍ଗେ ପୁଣି ତାକୁ ଯୋଡ଼ିଦିଆଯାଏ,

ତେବେ ସେ ଦୁଇଖଣ୍ଡ ଯୋଡ଼ହୋଇ ଗୋଟିଏ ହୋଇଯିବାର ସମ୍ଭାବନା ଖୁବ୍ ବେଶି ବଢ଼ିଯାଏ । ଏପରି କି ହାଡ଼ ଭାଙ୍ଗିଗଲେ ବି ସାଙ୍ଗେ ସାଙ୍ଗେ ଯୋଡ଼ାଗଲେ ପୂର୍ବ ଅବସ୍ଥାକୁ ଆସିଯାଇପାରେ । ସମ୍ଭବତଃ ଜରାସନ୍ଧ ଜନ୍ମସମୟରେ କୌଣସି ଦୁର୍ଘଟଣାରୁ ଦ୍ୱିଖଣ୍ଡ ହୋଇଯାଇଥିଲା । ଜରାଭଳି କୌଣସି ଧାଈ ସାଙ୍ଗେ ସାଙ୍ଗେ ତାକୁ ଯୋଡ଼ିଧରି କନାପଟିଆ (ବ୍ୟାଣ୍ଡେଜ୍) ଦ୍ୱାରା ବାନ୍ଧିରଖିଥିଲା । ଫଳରେ ଗୋଡ଼ଦୁଇଟି ସନ୍ଧି ଜାଗାରେ ଯୋଡ଼ିହୋଇଯାଇଥିଲା ।

ହାଡ଼ତିଆରିରେ କାଲ୍‌ସିୟମ୍ ମୁଖ୍ୟ ଭୂମିକା ନିଏ । ଖାଦ୍ୟରୁ କାଲ୍‌ସିଅମ୍ ଗ୍ରହଣ କରି ଆମ ଦେହ ହାଡ଼ ଗଢ଼େ ଓ ହାଡ଼କୁ ବଢ଼ାଏ । ଯେତେବେଳେ ହାଡ଼ ଭାଙ୍ଗିଯାଏ, ଭଙ୍ଗାହାଡ଼ ବଢ଼ିବା ଆରମ୍ଭ କରେ । ସତେ ଯେମିତି ଚୁମ୍ବକ ବିଦ୍ୟାର କାମ ! ଭଙ୍ଗାହାଡ଼ଟି ବଢ଼ି ବଢ଼ି ଅନ୍ୟ ହାଡ଼ଖଣ୍ଡକୁ ଛୁଇଁବାକୁ ଚେଷ୍ଟା କରେ । ଦୁଇ ଖଣ୍ଡର ମଝିରେ ଯେଉଁ ଯୋଡ଼ିବା ତନ୍ତୁସବୁ ତିଆରି ହୁଏ, କାଳକ୍ରମେ ତାହା ବିଭିନ୍ନ ଖଣିଜ ପଦାର୍ଥ ଗ୍ରହଣ କରି ଟାଣ ହୋଇଯାଏ; ଶେଷରେ ହାଡ଼ ପାଲଟିଯାଏ ।

ଜରାସନ୍ଧର ଜଙ୍ଘହାଡ଼ ଏହିପରି ଯୋଡ଼ିହୋଇଥିବ । ଯେତେ ଭଲ ଯୋଡ଼ିହେଲେ ବି ଯୋଡ଼ିହେବା ଜାଗାରେ ଟିକେ ଜଖମ ରହିବ ନିଶ୍ଚୟ । ତେଣୁ ଶରୀରର ଅନ୍ୟ ଅଂଶ ତୁଳନାରେ କମ୍‌ଜୋର୍ ହେବ; ବେଶି ଭାର ସହିପାରିବ ନାହିଁ । ଜରାସନ୍ଧ ଭୀମର ସମକକ୍ଷ ହୋଇଥିଲେ ହେଁ ତା'ର ଜଙ୍ଘସନ୍ଧି ଅପେକ୍ଷାକୃତ ଦୁର୍ବଳ ଥିଲା । ତେଣୁ ଭୀମ ତା'ର ଗୋଡ଼ଦୁଇଟିକୁ ଫାଡ଼ି-ଦେଲାବେଳେ ଜଙ୍ଘଟି ଦୁଇଫାଳ ହୋଇଗଲା ।

## ବଳରାମଙ୍କ ବିବାହ ଓ ଯୁଗପରିବର୍ତ୍ତନ-ରହସ୍ୟ

ସତ୍ୟଯୁଗରେ ମହାପ୍ରତାପୀ ସମ୍ରାଟ୍ ରୈବତ ପ୍ରଚଣ୍ଡ ତପଃସାଧନବଳରେ ଦୁର୍ଲ୍ଲଭ ରାଜର୍ଷି ପଦ ପାଇଥିଲେ ।

ତାଙ୍କର ପରମା ସୁନ୍ଦରୀ ଏବଂ ଅନୁପମ ଗୁଣବତୀ ଗୋଟିଏ କନ୍ୟା ଥିଲା—ନାମ ରେବତୀ । ତା'ର ବିବାହ ବୟସ ହେବାରୁ ରାଜର୍ଷି ରୈବତ ସୁଯୋଗ୍ୟ ପାତ୍ର ସନ୍ଧାନ କରିବାପାଇଁ ମନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଲେ । ବିଭିନ୍ନ ଦେଶରୁ ପ୍ରସ୍ତାବ ଆସିଲା । କିନ୍ତୁ ରାଜର୍ଷି କିଛି ସ୍ଥିର କରିପାରିଲେ ନାହିଁ ।

ମନ୍ତ୍ରୀ ତାଙ୍କୁ ପରାମର୍ଶ ଦେଲେ, "ମହାରାଜ ! ରେବତୀଙ୍କ ବିବାହପାଇଁ ଆପଣ ବ୍ରହ୍ମଲୋକ ଯାଇ ପ୍ରଜାପିତା ବ୍ରହ୍ମାଙ୍କ ମତ ନିଅନ୍ତୁ । ବିଧାତା ହୋଇଥିବାରୁ ରେବତୀଙ୍କପାଇଁ କିଏ ଯୋଗ୍ୟ, ସେ ହିଁ ଜାଣନ୍ତି ।"

ରାଜର୍ଷି କାଳ ବିଳମ୍ବ ନ କରି ରେବତୀଙ୍କୁ ସଙ୍ଗରେ ଧରି ସଙ୍ଗେ ସଙ୍ଗେ ବ୍ରହ୍ମଲୋକ ଯାତ୍ରା କଲେ ।

ରାଜର୍ଷି ରୈବତ କନ୍ୟା ସହ ବ୍ରହ୍ମଲୋକରେ ପହଞ୍ଚିବା ସମୟରେ ସେଠାରେ ନୃତ୍ୟଗୀତ ଚାଲିଥାଏ । ନୃତ୍ୟଗୀତ ଶେଷ ହେବାପରେ ସେମାନେ ବ୍ରହ୍ମାଙ୍କୁ ପ୍ରଣାମ କଲେ । ବ୍ରହ୍ମା ତାଙ୍କ ଆଗମନର କାରଣ ପଚାରିଲେ । ରାଜର୍ଷି କହିଲେ, "ମହାଭାଗ ! ଆପଣ ସ୍ୱୟଂ ସୃଷ୍ଟିକର୍ତ୍ତା । ମୁଁ ଜାହିଁକି ଆସିଛି ଆପଣ ସବୁ ଜାଣନ୍ତି । ମୋର ଏହି ଏକମାତ୍ର କନ୍ୟା ରେବତୀ ପାଇଁ ପ୍ରଜାପତି-ବନ୍ଧନ କାହାସହିତ କରିବନ୍ତି ଆପଣ କୁହନ୍ତୁ ।"

ହସି ହସି ବ୍ରହ୍ମା ପଚାରିଲେ, "ଆପଣ ତ ବହୁତ ରାଜା, ମହାରାଜାଙ୍କ [illegible] ପାଇଛନ୍ତି ବୋଲି କହୁଛନ୍ତି, ସେମାନଙ୍କ ନାମ କୁହନ୍ତୁ ।" ମହର୍ଷି ସେମାନଙ୍କ ନାମ କହିବାରୁ ବ୍ରହ୍ମା ହସିଦେଲେ । କହିଲେ, "ରାଜର୍ଷି ! ଯେଉଁମାନଙ୍କ ନାମ ଆପଣ କହୁଛନ୍ତି, ସେମାନେ କେଉଁ ଯୁଗରୁ ମରିହଜିଗଲେଣି । ବର୍ତ୍ତମାନ ପୃଥିବୀରେ ଅଠେଇଶତମ ମନୁଙ୍କର ଦ୍ୱାପର ଯୁଗର ଶେଷ ପାଦ । କଳିଯୁଗର ଆରମ୍ଭପ୍ରାୟ ।"

ବ୍ରହ୍ମାଙ୍କ କଥା ଶୁଣି ରାଜର୍ଷି ରୈବତ ଅବାକ୍ ହୋଇଗଲେ । ପରେ ସଂଯତ ହୋଇ କହିଲେ, "ତେବେ ଆପଣ ହିଁ ନିର୍ଦ୍ଧାରଣ କରନ୍ତୁ, ପୃଥିବୀକୁ ଫେରିଯାଇ ମୁଁ କାହା ହାତରେ କନ୍ୟାକୁ ସମର୍ପଣ କରିବି । ପୁଣି ପୃଥିବୀରେ ତ ମୋତେ କେହି ଚିହ୍ନିପାରିବେ ନାହିଁ ।"

ବ୍ରହ୍ମା ଉତ୍ତର ଦେଲେ, "ବର୍ତ୍ତମାନ ଦ୍ୱାରକାପୁରରେ ଭଗବାନଙ୍କ ଅଂଶ ନେଇ ବଳରାମ ଜନ୍ମ ନେଇଛନ୍ତି; ତାଙ୍କୁ ଜାମାତାରୂପେ ବରଣ କରନ୍ତୁ ।"

ସତକୁ ସତ, ପୃଥିବୀରେ ପହଞ୍ଚି ରାଜର୍ଷି ରୈବତ ଦେଖିଲେ ସବୁ ବଦଳିଯାଇଛି । ବାମନ, କୁତ୍ସିତ, କ୍ଷୀଣବଳ ମାନବଗଣ

ବିଚରଣ କରୁଛନ୍ତି । ପଶୁପକ୍ଷୀ, ସରୀସୃପ, ବୃକ୍ଷଲତା ଆଦିଙ୍କ ଆକାର ମଧ୍ୟ କ୍ଷୁଦ୍ର ହୋଇଯାଇଛି ! ନିଜ ରାଜ୍ୟ କୁଶସ୍ଥଳୀର କୌଣସି ଚିହ୍ନବର୍ଣ୍ଣ ନାହିଁ ।

ରେବତୀଙ୍କୁ ଧରି ରାଜର୍ଷି ଦ୍ୱାରକାପୁରରେ ପହଞ୍ଚିଲେ ଓ ସମସ୍ତ ଘଟଣା ବୁଝାଇ ବଳରାମଙ୍କୁ ନିଜ କନ୍ୟା ରେବତୀଙ୍କ ବିବାହ ପ୍ରସ୍ତାବ ଦେଲେ ।ଏ ପ୍ରସ୍ତାବରେ ସାନଭାଇ ଶ୍ରୀକୃଷ୍ଣ, ପିତା ବସୁଦେବ, ଅଜା ଉଗ୍ରସେନ ତଥା ଅକ୍ରୁର ଓ ମନ୍ତ୍ରି-ପରିଷଦ ସମସ୍ତେ ରାଜିହେଲେ । ସତ୍ୟଯୁଗର କନ୍ୟା ରେବତୀ ଦ୍ୱାପର ଯୁଗର ବର ବଳରାମଙ୍କୁ ବିବାହ କଲେ ।

ଆମେ ଭାବିବା କଥା ଯେ ରେବତୀ ଖୁବ୍ ବୟସ୍କା ହୋଇ-ଯାଇଥିବେ । ଆଉ ବଳରାମ ତାଙ୍କଠାରୁ ଖୁବ୍ ସାନ ହୋଇଥିବେ । ମଝିରେ ତ ତ୍ରେତାଯୁଗଟା ପୂରା ବିତିଯାଇଛି । ତା'ର ବୈଜ୍ଞାନିକ କାରଣ ବୁଝାଇବା ପୂର୍ବରୁ ଗଳ୍ପଟି ପୂରା ଶୁଣିନେବା ।

ସତ୍ୟଯୁଗର ଲୋକେ ଖୁବ୍ ଡେଙ୍ଗା ଥିଲେ । ତେଣୁ ରେବତୀଙ୍କ ଉଚ୍ଚତା ବଳରାମଙ୍କଠାରୁ ବେଶି ଥିଲା । ଅଥଚ ବଳରାମ ଯାଦବମାନଙ୍କମଧ୍ୟରେ ବେଶି ଡେଙ୍ଗା ଥିଲେ । ନିଜକୁ ଲାଜ ଲାଗିବ ବୋଲି ବଳରାମ ତାଙ୍କ ଅମୋଘ ଅସ୍ତ୍ର ଲଙ୍ଗଳକୁ ରେବତୀଙ୍କ ମୁଣ୍ଡରେ ରଖି ଚିପିଦେଲେ । ରେବତୀଙ୍କ ଉଚ୍ଚତା କମିଗଲା । ଏହି ବିବାହପରଠାରୁ ବଳରାମଙ୍କ ନୂଆ ନାମ ହେଲା 'ରେବତୀରମଣ' ।

ଆଉ ବଞ୍ଚିବାର କାରଣ ନ ଥିବାରୁ ରାଜର୍ଷି ରୈବତ ହିମାଳୟ ଯାତ୍ରା କରି ସମାଧିସ୍ଥ ହେଲେ ।

ଏହି କାହାଣୀର ମୂଳ ରହସ୍ୟ ହେଉଛି—ସତ୍ୟଯୁଗରେ ଜାତ ହୋଇଥିବା ରେବତୀ ଦ୍ୱାପରଯୁଗରେ ଜାତ ହୋଇଥିବା

ବଳରାମଙ୍କୁ ବିବାହ କରିବା । ମଝିରେ ଲକ୍ଷାଧିକ ବର୍ଷ ବିତି-ଯାଇଥିଲେ ମଧ୍ୟ ରେବତୀଙ୍କ ବୟସ ବଢ଼ି ନ ଥିଲା । ଏହା କି ସମ୍ଭବପର ?


ଏହା ସମ୍ଭବପର ବୋଲି ବୈଜ୍ଞାନିକ ଆଇନ୍‌ଷ୍ଟାଇନ୍ ପ୍ରଥମେ ଧାରଣା ଦେଲେ । ଆଜିକାଲି ଆମେ ଜାଣୁ ଯେ ନିର୍ଜୀବ ହେଉ ବା ସଜୀବ ହେଉ, ପ୍ରତ୍ୟେକ ବସ୍ତୁର ଆକାର ତା'ର ଚାରିଟି ଦିଗ (ଡାଇମେନ୍‌ସନ୍) ଉପରେ ନିର୍ଭର କରେ : ଲମ୍ବ, ପ୍ରସ୍ଥ, ଉଚ୍ଚତା ଓ ସମୟ । ଆମେ ଯାହା କିଛି ଦେଖୁ, କରୁ ବା ଭାବୁ, ସେସବୁ ପୃଥିବୀର ପରିସ୍ଥିତିଦ୍ୱାରା ନିୟନ୍ତ୍ରିତ । ଆମର ଚିନ୍ତାଧାରା ପୃଥିବୀକୁ ଅପେକ୍ଷା କରେ ବା ପୃଥିବୀ ସହିତ ଜଡ଼ିତ ବୋଲି ଆମ ପର୍ଯ୍ୟବେକ୍ଷଣ ଆପେକ୍ଷିକ । ଶାସ୍ତ୍ରରେ ଏହାକୁ ମାୟା କହନ୍ତି । ଯଦି ସବୁ ଜିନିଷ ଆପେକ୍ଷିକ ବା ମାୟା, ତେବେ ଚରମ ସତ୍ୟ ବା ଅପରିବର୍ତ୍ତନୀୟ ଜିନିଷଟି କ'ଣ ? ଆଇନ୍‌ଷ୍ଟାଇନ୍‌ଙ୍କ ମତରେ ତା ହେଉଛି ଆଲୋକର ବେଗ : ସେକେଣ୍ଡ୍‌କୁ ତିନି ଲକ୍ଷ କିଲୋମିଟର୍ । ସାରା ବ୍ରହ୍ମାଣ୍ଡରେ ଏହାର ବେଗ ସମାନ । ଆଲୋକ ଆଗରେ ଲମ୍ବ, ପ୍ରସ୍ଥ ଓ ଉଚ୍ଚତା କାହିଁକି, ସମୟ ମଧ୍ୟ ଆପେକ୍ଷିକ ।

ଆମେ ଯେତେ ବେଗରେ ଯିବା ଆମର ସମୟ ସେତେ ଧୀରେ ଧୀରେ କଟିବ । ଏହା କବିର ଭାବନା ନୁହେଁ, ପ୍ରକୃତରେ ପ୍ରମାଣିତ ହୋଇଛି । ଏହି ସତ୍ୟ ପରୀକ୍ଷାପାଇଁ ମଣିଷଦ୍ୱାରା ତିଆରି ବେଗ ଯଥେଷ୍ଟ ନୁହେଁ ; ଏପରି କି ଚନ୍ଦ୍ରପୃଷ୍ଠରେ ଓହ୍ଲାଇଥିବା ଆପୋଲୋ ଯାନର ବେଗ ଆଲୋକବେଗର ୨୭ ହଜାର ଭାଗରୁ ଭାଗେ ମାତ୍ର । କିନ୍ତୁ ମହାକାଗତିକ ରଶ୍ମି କଣିକାର ଗତିକୁ ପରୀକ୍ଷା କରି ବୈଜ୍ଞାନିକମାନେ ଦେଖିଛନ୍ତି ଯେ ଏହି



[ବଳରାମ ରେବତୀଙ୍କ ଉଚ୍ଚତା କମାଉଛନ୍ତି]

ପୃଥିବୀର ମାଧ୍ୟାକର୍ଷଣ ଶକ୍ତିଦ୍ୱାରା ବିଭିନ୍ନ ଗଛଲତା ଓ ପ୍ରାଣୀମାନଙ୍କ ଉଚ୍ଚତା ଓ ଆକାର ନିର୍ଦ୍ଦିଷ୍ଟ ହୋଇସାରିଛି । ତେଣୁ ପୃଥିବୀର କୌଣସି ଜୀବ ଅଳ୍ପ ମାଧ୍ୟାକର୍ଷଣ ଶକ୍ତି ଥିବା ଅନ୍ୟ କୌଣସି ଜାଗାକୁ ଗଲେ ଡେଙ୍ଗା ହୋଇଯିବ । ମହାକାଶଯାନରେ ଯାତ୍ରୀମାନେ ମହାକାଶରେ କିଛି ଦିନ ଘୂରି ପୃଥିବୀକୁ ଫେରିବା ପରେ ଦେଖାଯାଇଛି ଯେ ସେମାନଙ୍କର ଉଚ୍ଚତା ଆଗଠାରୁ ଟିକିଏ ବଢ଼ିଯାଇଥାଏ । ପୃଥିବୀରେ କିଛି ଦିନ ରହିଲା ପରେ ସେମାନଙ୍କ ଉଚ୍ଚତା ପୂର୍ବ ଅବସ୍ଥାକୁ କମିଆସେ । ରେବତୀ ଭଳି ଯେଉଁମାନେ ମହାକାଶରେ ବେଶୀଦିନ ରହିବେ ସେମାନଙ୍କ ବଢ଼ିଯାଇଥିବା ଉଚ୍ଚତା କମିବାଲାଗି ବେଶି ଦିନ ଲାଗିବ । ସେତେଦିନ ଅପେକ୍ଷା ନକରି ପୃଥିବୀର ମାଧ୍ୟାକର୍ଷଣସହିତ ଓଜନ ଯୋଡ଼ିବାଲାଗି ବଳରାମ ତାଙ୍କ ଲଙ୍ଗଳକୁ ରେବତୀ ମୁଣ୍ଡରେ ରଖି ଧରିଥିଲେ ।



[ବେଗ ଉପରେ ସମୟ ନିର୍ଭର କରେ]

ପୃଥିବୀରେ ଥାଇ ଆମେ ଭବିପାରୁ ନାହୁଁ ଯେ ଯଦି କେବେ ଆମେ ଆଲୋକ ବେଗରେ ଯାଇପାରୁ ପୃଥିବୀ ଘଡ଼ିରେ ସମୟ ସ୍ଥିର ହୋଇଯିବ । କିନ୍ତୁ ହଠାତ୍ ଆଲୋକର ଗତି ପାଇବା ଅସମ୍ଭବ । ଧୀରେ ଧୀରେ ବେଗ ବଢ଼ାଇ ଆଲୋକର ଗତି ପାଇବାପର୍ଯ୍ୟନ୍ତ ପୃଥିବୀ ଘଡ଼ି ଅନୁଯାୟୀ କିଛି ସମୟ ବିତିଯିବ । ଅବଶ୍ୟ ବେଗ ବଢ଼ିବା ସାଙ୍ଗେ ସାଙ୍ଗେ ସମୟ ଧୀରେ ଧୀରେ ବିତିବ । କଳ୍ପିତ ସ୍ୱର୍ଗ ଯେତେ ଦୂର ହେଉନା କାହିଁକି, ସେଠାକୁ ଯିବାଲଗି ଆଲୋକର ବେଗ ପାଇବାପର୍ଯ୍ୟନ୍ତ ହିଁ ସମୟ ଗଡ଼ୁଥିବ ଏବଂ ତାପରେ ସମୟ ଗଡ଼ିବ ନାହିଁ । ଉଦାହରଣସ୍ୱରୂପ–ଆମର ଛାୟାପଥର ନିକଟତମ ତାରକା ମଣ୍ଡଳ ଆଣ୍ଡ୍ରୋମିଡ଼ାକୁ ଯାଇ ଫେରିବାକୁ ମାତ୍ର ୫୬ ବର୍ଷ ଲଗିବ । ପୃଥିବୀଠାରୁ ଆଣ୍ଡ୍ରୋମିଡ଼ାର ପ୍ରକୃତ ଦୂରତା ୨୦ ଲକ୍ଷ ଆଲୋକ ବର୍ଷ ।

କ୍ଷଣସ୍ଥାୟୀ କଣିକାଗୁଡ଼ିକର ପ୍ରବଳ ବେଗ ଯୋଗୁ ପୃଥିବୀର ଘଡ଼ି ଅନୁଯାୟୀ ଆୟୁଷ ବଢ଼ିଯାଏ ଓ ଓଜନ ବି ବଢ଼ିଯାଏ । ପ୍ରକାଣ୍ଡ-କାୟ ଉଲ୍‌କା ବାୟୁମଣ୍ଡଳରେ ଜଳିଯାଏ; କିନ୍ତୁ ଏହି କଣିକାଗୁଡ଼ିକ ଭୂପୃଷ୍ଠକୁ ଜୀବନ୍ତ ଆସିଯାଏ । ଏହାର କାରଣ, ଉଲ୍‌କାର ବେଗ ମହାଜାଗତିକ ରଶ୍ମି (କସ୍‌ମିକ୍‌ରେ') କଣିକାର ଆଲୋକ ବେଗ ତୁଳନାରେ ଖୁବ୍ କମ୍ ।

ଗୋଟିଏ ଦୁଇଟି ଉଦାହରଣରୁ କଥାଟା ସ୍ପଷ୍ଟ ହେଇଯିବ । ଚନ୍ଦ୍ରଠାରୁ ଆଲୋକ ପୃଥିବୀରେ ପହଞ୍ଚିବାକୁ ଗୋଟିଏ ସେକେଣ୍ଡ୍ ନିଏ । ଆପୋଲୋ ଯାନ ଚନ୍ଦ୍ରଲୋକରେ ପହଞ୍ଚିବାକୁ ଦିନକରୁ ଅଧିକ ସମୟ ନେଇଥିଲା । ଏହିଭଳି ଅତିବେଗ ଯାନ ଗୋଟିଏ ଆଲୋକ ଦିନର ଦୂରତାକୁ ଅତିକ୍ରମ କରିବାକୁ ୨୩୭ ବର୍ଷ ନେବ । ଆଲୋକ-ବର୍ଷ ଦୂରତାକୁ ଅତିକ୍ରମ କରିବାପାଇଁ ଆହୁରି ୩୬୫ ରେ ଗୁଣିବାକୁ ପଡ଼ିବ । ଚନ୍ଦ୍ରଲୋକ କେତେ ଦୂରରେ କେହି ଜାଣନ୍ତି ନାହିଁ । କିନ୍ତୁ ଆମ ଛାୟାପଥର ତାରକାମଣ୍ଡଳଠାରୁ ନିକଟତମ ତାରକାମଣ୍ଡଳ ଆଣ୍ଡ୍ରୋମିଡାକୁ ମନୁଷ୍ୟ ଯାନ ଯଦି ଆଲୋକ ବେଗରେ ଯାଏ, ତାହା କେତେ ଦିନ ନେବ, ହିସାବ କରାଯାଇଛି । ଆଣ୍ଡ୍ରୋମିଡାର ଦୂରତା ୨୦ ଲକ୍ଷ ଆଲୋକ ବର୍ଷ । ଯାନଟି ଛାଡ଼ିବାବେଳେ ହଠାତ୍ ଆଲୋକ ବେଗ ପାଇବା ଅସମ୍ଭବ; ମାତ୍ର ବେଗ ବଢ଼େଇ ବଢ଼େଇ ଏହା ପାଇବା ସମ୍ଭବପର ହୋଇପାରେ । ପୃଥିବୀର ମାଧ୍ୟାକର୍ଷଣ ଶକ୍ତି (ଗ୍ରାଭିଟି)କୁ ଏକକ ହିସାବରେ ଧରିଲେ ମଣିଷଯାନଟି ଯଦି ଆରମ୍ଭରୁ ଏକ ଗ୍ରାଭିଟି ତ୍ୱରଣ ବେଗରେ ଯାତ୍ରା କରେ, ତେବେ ବର୍ଷକମଧ୍ୟରେ ଆଲୋକ ସମାନ ବେଗ ଲାଭ କରିପାରିବ । ଯିବାରାସ୍ତାର ଅଧା ଏକ ଗ୍ରାଭିଟି ତ୍ୱରଣ ବେଗରେ ଓ ଅପର ଅଧା ସମାନ ପରିମାଣରେ ବେଗ ହ୍ରାସ କରି ଯାନଟି ଆଣ୍ଡ୍ରୋମିଡାରେ ଓହ୍ଲାଇବ । ଆଣ୍ଡ୍ରୋମିଡାରୁ

ପୃଥିବୀକୁ ଫେରିବାବେଳେ ସେହିଭଳି ବ୍ୟବସ୍ଥା କରିବ । ଏହି ଯାନରେ ଯଦି ଯାତ୍ରୀ ପୃଥିବୀର ଘଡ଼ିଟିଏ ନେଇଯାଇଥିବ, ସେ ଘଡ଼ି ଅନୁଯାୟୀ ପୃଥିବୀକୁ ଫେରିବାକୁ ୫୭ ବର୍ଷ ଲାଗିବ । କିନ୍ତୁ ପୃଥିବୀର ଲୋକମାନଙ୍କ ହାତରେ ଯେଉଁ ଘଡ଼ି ଥିବ, ତହିଁରେ ୪୦ ଲକ୍ଷ ବର୍ଷ ହୋଇଯାଇଥିବ । ଅର୍ଥାତ୍ ଯାତ୍ରୀଜଣଙ୍କର ବୟସ ୫୭ ବର୍ଷ ବଢ଼ିଥିଲାବେଳେ ପୃଥିବୀରେ ଲକ୍ଷେ କୋଡ଼ିଏ ପୁରୁଷ କଟିଯାଇଥିବ । ତେଣୁ ତାଙ୍କୁ କ'ଣ କେହି ମନେ ରଖିଥିବେ ? ଅବଶ୍ୟ ମଣିଷ ଆଣ୍ଡ୍ରୋମିଡାକୁ ଯାନ ପଠାଇବା ଶକ୍ତି ପାଇବା-ବେଳକୁ ସେଠାରୁ ଖବର ପାଇବା ଶକ୍ତି ବି ପାଇଯାଇଥିବ । ମାତ୍ର ଗଳ୍ପଟିରେ କେବଳ ରାଜର୍ଷି ରୈବତ ହିଁ ଏହି ଶକ୍ତି ପାଇଛନ୍ତି ।

ବ୍ରହ୍ମଲୋକ ଯେତେ ଦୂର ବୋଲି କଳ୍ପନା କରାଯାଇଛି ତା' ବୋଧ ହୁଏ ଲକ୍ଷେ ଆଲୋକ ବର୍ଷଠାରୁ କମ୍ ଦୂର । ତେଣୁ ସେ ତାଙ୍କ ଘଡ଼ି ଅନୁଯାୟୀ ବର୍ଷକରୁ କମ୍ ସମୟରେ ଫେରିଥିବେ । ଝିଅ ବାହାଘର ଚିନ୍ତା ତ । ତେଣୁ ବେଶି ଦିନ କଟାଇ ନ ଥିବେ । କିନ୍ତୁ ପୃଥିବୀରେ ଏହି ବ୍ୟବଧାନରେ ସତ୍ୟଯୁଗ ତ ସରିଛି, ତ୍ରେତାଯୁଗ ବି ସମ୍ପୂର୍ଣ୍ଣ ସରିଯାଇଛି ଏବଂ ଦ୍ୱାପର ସରିବାଉପରେ ଅର୍ଥାତ୍ ଅଠାଇଶ ମନୁଙ୍କର ଦ୍ୱାପରଯୁଗର ଶେଷ ପାଦ ପୃଥିବୀରେ ଚାଲିଛି ।

ଗଳ୍ପଟିରେ ରାଜର୍ଷି ରୈବତ ସାଧନାବଳରେ ଅଦ୍ଭୁତ ଶକ୍ତି ପାଇଥିବାର କୁହାଯାଇଛି । ସେହି ଶକ୍ତିବଳରେ ସେ ରେବତୀଙ୍କୁ ଧରି ବ୍ରହ୍ମଲୋକରେ ପହଞ୍ଚିଲେ ଓ ସେଠାରୁ ପୃଥିବୀକୁ ଫେରିଲେ । ସେ ନିଶ୍ଚୟ ଆଲୋକ ବେଗରେ ଯାଇଥିବେ । ତେଣୁ ତାଙ୍କପାଇଁ ସମୟ ସ୍ଥିର ହୋଇଯାଇଥିବ ଅର୍ଥାତ୍ ବୟସ ବଢ଼ି ନ ଥିବ ।

ଆଇନଷ୍ଟାଇନ୍ ଯେଉଁ ଆପେକ୍ଷିକବାଦ ବାଢ଼ିଲେ, ତାହା ବିଂଶଶତାବ୍ଦୀର କଥା । ଯଦି ସେ ଆମ ଦେଶର ଧର୍ମପୁରାଣରୁ ବଳରାମ-ରେବତୀ-ବିବାହ ପ୍ରସଙ୍ଗ ପଢ଼ିଥାନ୍ତେ ବା ଶୁଣିଥାନ୍ତେ, ବୋଧ ହୁଏ ଏହି କାହାଣୀଟି ଜାଣିବା ସଙ୍ଗେ ସଙ୍ଗେ ଆପେକ୍ଷିକ-ବାଦର ମୂଳମନ୍ତ୍ର ତାଙ୍କୁ ମିଳିଯାଇଥାଆନ୍ତା । ୪୦୦୦ ବର୍ଷତଳେ ଆମ ଦେଶର ପୁରାଣକାରମାନେ ଆପେକ୍ଷିକବାଦର ଧାରଣା କରିପାରିଥିଲେ । ଜାଣିଲେ ଆଶ୍ଚର୍ଯ୍ୟ ଲାଗେ !

• • •